## ସଂକ୍ଷେପରେ

### ବାପଘରେ ମହିଳାଙ୍କ ଆତ୍ମହତ୍ୟା

ଭୋଗରାଇ,୪।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଲକ୍ଷ୍ମୀପାଟଣା ଦୋ ବନ୍ଧି ଗ୍ରାମର ସସ୍ମିତା ମାଝି (୧୮)ନାମ୍ନୀ ଜନୈକା ବିବାହିତା ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମହିଳାଙ୍କ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ. ୨୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନାନୁଯାୟୀ, ସସ୍ମିତା ବାଲିଆପାଳ ଥାନା ବଡ଼ପାହି ଗ୍ରାମର ଶିବଲ ମାଝିଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାମୀ ବାହାର ରାଜ୍ୟକୁ ପଳାଇ ଯିବାରୁ ସସ୍ମିତା ୯ମାସର ଶିଶୁକନ୍ୟାକୁ ଧରି ବାପଘରକୁ ଆସି ରହୁଥିଲେ। କୌଣସି କାରଣବଶତଃ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଓ ପାଖ ପଡ଼ୋଶୀ କହିଛନ୍ତି। ମହିଳାଙ୍କ ମୃତଦେହକୁ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଇକ୍ ଚୋରି

ରୂପ୍‌ସା,୪।୯(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବୁଧବାର ଦ୍ୱିପ୍ରହର ସମୟରେ ଜଣେ ସୁପରଭାଇଜରଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରସାଲପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରଭାଇଜର କୃଷ୍ଣଚନ୍ଦ୍ର ବେହେରା ମାସିକ ରିପୋର୍ଟ ପ୍ରଦାନ ସହ ସ୍ୱାସ୍ଥ୍ୟକେନ୍ଦ୍ର ବୈଠକରେ ଯୋଗଦେବାକୁ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିଜର ବାଇକ୍ ଓ ହେଲମେଟ ରଖିଥିଲେ। ବୈଠକ ପରେ ତାଙ୍କ ବାଇକ୍ ଚୋରି ହୋଇଥିବା ଜାଣି ସେ ରୂପ୍‌ସା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସିସିଟିଭି ଫୁଟେଜ୍‌ରେ ଜଣେ ଲୁଟେରା ଉକ୍ତ ହେଲମେଟ୍ ପିନ୍ଧି ବାଇକ୍‌ରେ ଚମ୍ପଟ ମାରିଥିବାର ଦୃଶ୍ୟ କଏଦ ହୋଇଥିବା ଜଣାପଡ଼ିଛି। ରୂପ୍‌ସା ଅଞ୍ଚଳରେ ବାଇକ୍ ଓ ମୋବାଇଲ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖଇରା,୪।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ଗ୍ରାମର ମମତା ପଣ୍ଡା(୫୫) ନାମ୍ନୀ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଶୋଇବା ଘରୁ ଉଦ୍ଧାର ହୋଇଛି। ପୋଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା(ନଂ.୨୪/୧୯) ରୁଜୁ କରିଛି। ମୃତା ମହିଳା ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପଣ୍ଡାଙ୍କ ସ୍ତ୍ରୀ। ବୁଧବାର ସକାଳେ ନାରାୟଣ ପ୍ରାତଃ ଭ୍ରମଣକୁ ଯାଇ ଫେରିବା ପରେ ଘର ଫ୍ୟାନରେ ସ୍ତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମମତା ମାନସିକ ରୋଗରେ ଆକ୍ରାନ୍ତ ଥିବାରୁ ଔଷଧ ସେବନ କରୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

# ଝୋଟର ଅଭାବୀ ବିକ୍ରି, ଚାଷୀ ନିରୁତ୍ସାହିତ

ବାଲିଆପାଳ,୪।୯(ଡି.ଏନ.ଏ.)

- ବୁଡିଯାଉଛି ପାରମ୍ପରିକ ନଳିତା ଚାଷ
- ଝୋଟ କ୍ରୟ କେନ୍ଦ୍ର ବନ୍ଦ ପରେ ଦଲାଲ ମାଲାମାଲ
- ଉଠି ଯାଇଥିବା ଝୋଟ ନିଗମ ଅଫିସ ସାନି ଖୋଲିବାକୁ ଦାବି

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ମୃତ୍ତିକା ଓ ଜଳବାୟୁ ନଳିତା ଚାଷ ପାଇଁ ବେଶ୍ ଅନୁକୂଳ । ଦିନ ଥିଲା ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ବାଲିଆପାଳ ବ୍ଲକର କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଦେଭୋଗ, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ପ୍ରଭୃତି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ନଳିତା ଚାଷ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ୮୦ଦଶକରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ଗଦାଧର ଗିରି ବାଲିଆପାଳ ବ୍ଲକରେ ସମବାୟ ଭିତ୍ତିରେ ଏକ ଝୋଟ କଳ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କର ଅକାଳ ବିୟୋଗ ପରେ ଏହା ଆଉ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏବେ ଆବଶ୍ୟକୀୟ ପ୍ରୋତ୍ସାହନ ଓ ବଜାର ସୁବିଧା ଅଭାବରୁ ଲାଭକାରୀ ତଥା ପାରମ୍ପରିକ ନଳିତା ଚାଷ କ୍ରମେ ବୁଡିବାକୁ ବସିଲାଣି। ଚାଷୀଙ୍କର ଆଗ୍ରହ କମିଗଲାଣି। ଏବେ ଚାଷୀମାନେ ଯାହା କିଛି ନଳିତା ଚାଷ କରୁଛନ୍ତି, ଝୋଟ ଅମଳ କରି ତାକୁ ଉଚିତ ଦରରେ ବିକି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ବାହାରୁ ଆସି କିଣୁଥିବା ଦଲାଲମାନେ ମାଲାମାଲ ହେଉଛନ୍ତି।

କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୧୫-୧୬ ବର୍ଷରେ ବାଲିଆପାଳ ବ୍ଲକରେ ୧୬୦ ହେକ୍ଟର, ୨୦୧୬-୧୭ ବର୍ଷରେ ୧୫୦ ହେକ୍ଟର ଜମିରେ ନଳିତା ଚାଷ ହୋଇଥିଲା ବେଳେ ଚଳିତ ବର୍ଷ ଏହି ପରମାଣ ୨୧୩ହେକ୍ଟରକୁ ଖସି ଆସିଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ପ୍ରତିବର୍ଷ ବାଲିଆପାଳ ବ୍ଲକରେ ନଳିତା ଚାଷର ପରିମାଣ କମି କମି ଯାଉଥିବା ସ୍ପଷ୍ଟ ହୋଇଛି। ଉଲ୍ଲେଖନୀୟ ଯେ, ବାଲିଆପାଳରେ ଝୋଟ ଚାଷକୁ ଦୃଷ୍ଟିରେ ରଖି ଆଜିକୁ ପ୍ରାୟ ୩୦ବର୍ଷ ତଳେ କେନ୍ଦ୍ର ସରକାରଙ୍କର ଝୋଟ ନିଗମ ପକ୍ଷରୁ ଏକ ଝୋଟ କ୍ରୟ କେନ୍ଦ୍ର ଖୋଲା ଯାଇଥିଲା। ୧୬ରୁ ୧୭ବର୍ଷ ଧରି ଏହି ନିଗମ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଝୋଟ କିଣୁଥିଲା। ଗତ ୧୩ବର୍ଷ ଧରି ଏହି ଝୋଟ ନିଗମ ଅଫିସ୍ ବନ୍ଦ ହେବା ପରେ ଗତବର୍ଷ ଠାରୁ ଏହା ଉଠିଯାଇଛି। ଏଥିଲାଗି କିଛି ବର୍ଷ ଧରି ଝୋଟ ନିଗମ ଚାଷୀଙ୍କଠାରୁ ଆଉ ଝୋଟ କିଣୁନାହିଁ । ଫଳରେ ଚାଷୀମାନେ ବାଧ ହୋଇ ଉତ୍ପାଦନ କରୁଥିବା ଝୋଟକୁ କମ୍ ଦାମ୍‌ରେ ବାହାର ରାଜ୍ୟର ଚାଷୀଙ୍କୁ ବିକି ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ଲାଗି ବିଭିନ୍ନ ଯୋଜନା କରୁଥିବାବେଳେ ବାଲିଆପାଳରୁ ଝୋଟ ନିଗମର ଅଫିସ୍ କାହିଁକି ଉଠିଗଲା ଏ ବିଷୟରେ ପଚାରିଲେ, କାହାଠାରୁ କିଛି ଉତ୍ତର ମିଳୁ ନାହିଁ । ଚଳିତ ବର୍ଷ ଝୋଟର ସରକାରୀ ମୂଲ୍ୟ ୩୩୦୦ଟଙ୍କା ଥିବାବେଳେ ବାଲିଆପାଳ ବ୍ଲକର ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇ ବର୍ତ୍ତମାନ ୧୮୦୦ ରୁ ୨୦୦୦ଟଙ୍କାରେ ବିକ୍ରି କରୁଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ବାଲିଆପାଳ ଝୋଟ ନିଗମ ଅଫିସକୁ ଆଉଥରେ କାର୍ଯ୍ୟକ୍ଷମ କରିବା ପାଇଁ ବାଲିଆପାଳ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ଏହି ଅଞ୍ଚଳର ଚାଷୀ ଖରିଫ ଋତୁରେ ନଳିତା ଓ ଧାନକୁ ମିଶ୍ରିତ ଫସଲ ଭାବେ ଜମିରେ ଚାଷ କରିଥାନ୍ତି। ଭାଦ୍ରବ ମାସ ଆଡକୁ ନଳିତା ଚାଷରୁ ଝୋଟ ଉତ୍ପାଦନ ଆରମ୍ଭ ହୋଇଥାଏ। ପଡୋଶୀ ପଶ୍ଚିମବଙ୍ଗରେ ଝୋଟ ଶିଳ୍ପର ବହୁବିଧ ବିକାଶ ଘଟିଥିବା ବେଳେ ଏଠି କଞ୍ଚାମାଲ ଓ ଭିତ୍ତିଭୂମି ଥାଇ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ।



ଛାନୁଆଁ ଗାଁ ନିକଟରେ ମହିଳାଙ୍କ ରାସ୍ତାରୋକୋ ଆନ୍ଦୋଳନ।

# ବର୍ଷାଜଳ ନିଷ୍କାସନ ଦାବି ନେଇ ରାସ୍ତାରୋକୋ

ରୂପ୍‌ସା,୪।୯(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଛାନୁଆ ପଞ୍ଚାୟତର ୧୧ନଂ. ୱାର୍ଡ଼ ଛାନୁଆ ଗାଁ ରାସ୍ତାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନି। ଫଳରେ ୧୫ଦିନରୁ ଉର୍ଦ୍ଧ୍ୱ ହେବ ୱାର୍ଡ଼ବାସୀଙ୍କ ଅବସ୍ଥା ବେହାଲ୍ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ଲାଗି କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନିକ ଅବହେଳା ପ୍ରତିବାଦରେ ବୁଧବାର ଗ୍ରାମର ଶତାଧିକ ମହିଳା ପୁରୁଷ ବାହାବଳପୁର-ହଳଦୀପଦା ରାସ୍ତାର ଛାନୁଆ ସୋସାଇଟି ଅଫିସ ଓ ଗାଁ ହାଟ ଛକ ଦୁଇଟି ସ୍ଥାନରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଅପରାହ୍ନ ଦେଢଟାରୁ ରାସ୍ତାରୋକ ହେବାରୁ ଅନେକ ମାଛ ବୋଝେଇ ଟ୍ରକ୍ ସମେତ ଭ୍ୟାନ୍ , ବସ୍ ଓ ଅନ୍ୟ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଛାନୁଆ ରାଜସ୍ୱ ନିରୀକ୍ଷକ ଅଜିତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କଲା ବେଳେ ଜଳ ନିଷ୍କାସନ ସମସ୍ୟା ନେଇ ଗ୍ରାମବାସୀ ହୋହଲ୍ଲା କରିଥିଲେ। ପୂର୍ବରୁ ବ୍ଲକ ତରଫରୁ ଜଳ ନିଷ୍କାସନ ପାଇଁ ଏକ ହୋମ୍ ପାଇପ୍ ଦିଆଯାଇଥିଲେ ମଧ୍ୟ ଜଣେ ବ୍ୟକ୍ତି ରାସ୍ତା କାଟିବାକୁ ନ ଦେବାରୁ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ସଦର ବିଡ଼ିଓ ଶଙ୍କର୍ଷଣ ପ୍ରଧାନଙ୍କୁ ଅବଗତ କରାଇବା ପରେ ବ୍ଲକ କର୍ତ୍ତୃପକ୍ଷ ପହଞ୍ଚି ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିବାରୁ ଲୋକେ ଆନ୍ଦୋଳନରୁ ହଟିଥିଲେ।

# ଆମ୍ୟୁଜମେଣ୍ଟ ପାର୍କ ଉଦ୍‌ଘାଟିତ



ପୋଖରୀରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ ନୌଚାଳନା କରୁଛନ୍ତି।

ବାଲେଶ୍ୱର ଅଫିସ/ରେମୁଣା, ୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଗଡ଼ିଆମାଳଠାରେ ଆମ୍ୟୁଜମେଣ୍ଟ ପାର୍କ ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ପାର୍କରେ ପର୍ଯ୍ୟଟକଙ୍କ ପାଇଁ ରମଣୀୟ, ପ୍ରାକୃତିକ ପରିବେଶ ସାଙ୍ଗକୁ ପ୍ରଦୂଷଣ ମୁକ୍ତ ସ୍ଥାନ ରହିଛି। ଏହାର ଚତୁଃପାର୍ଶ୍ୱରେ ସବୁଜ ବୃକ୍ଷର ସମାହାର ସାଙ୍ଗକୁ ଏକ ବିରାଟକାୟ ପୋଖରୀ ରହିଛି। ସ୍ୱାସ୍ଥ୍ୟ ଓ ଆନନ୍ଦପ୍ରଦ ଲାଗି ଉପଯୋଗୀ ଏହି ପାର୍କରେ ବୁଲିଲେ ପର୍ଯ୍ୟଟକମାନେ ଆନନ୍ଦିତ ହେବେ। ଏଥିସହିତ ପାର୍କ ପୋଖରୀରେ ଥିବା ନୌଚାଳନା ବ୍ୟବସ୍ଥାର ସୁଯୋଗ ପାଇପାରିବେ। କେନ୍ଦ୍ର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିବା ଅବସରରେ ପାର୍କରେ ଥିବା ପୋଖରୀରେ କିଛି ସମୟ ନୌଚାଳନା କରିଥିଲେ।

ଉକ୍ତ ପାର୍କରେ ସମ୍ପୂର୍ଣ୍ଣ ଦେଶୀ ଫଳ ଗଛ ଯଥା ଆମ୍ବ, ଲେମ୍ବୁ, ପିଜୁଳି, କଦଳୀ, ନଡ଼ିଆ, ଗୁଆ ଗଛ ରହିଛି। ଏଥିସହିତ ଲିଚୁ, ବରକୋଳି, ଜାମୁରୋଳ ଗଛ ଲଗାଯାଇଛି। ପୋଖରୀରେ ଭାକୁର, ରୋହି, ମିରିକାଳି, ବିଲାତି ରୋହି ଭଳି ମାଛ ଚାଷ କରାଯାଇଛି। ପାର୍କର ଚତୁଃପାର୍ଶ୍ୱରେ ଥିବା ବାଉଣ୍ଡାରୀରେ ଓଲ ଓ ଖମ୍ବଆଳୁ ଚାଷ କରାଯାଇଛି। ଏସବୁ ଗଛର ରକ୍ଷଣାବେକ୍ଷଣ ପାଇଁ ଅନ୍ୟୂନ ୭ଜଣ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ରାସାୟନିକ ସାର ବଦଳରେ ନିମପିଡ଼ିଆ, ହାଡ଼ଗୁଣ୍ଡ, ଗୋବରଖତ ବ୍ୟବହାର କରାଯାଇ ଗଛଗୁଡ଼ିକର ଯତ୍ନ ନିଆଯାଉଛି। ପାର୍କରୁ ଉପାର୍ଜନ ହେଉଥିବା ଅର୍ଥରେ ଏହାର ପରିବେଶକୁ ସରସ ସୁନ୍ଦର କରାଯିବ ବୋଲି ପାର୍କର ମାଲିକ ଦେବେନ୍ଦ୍ର ନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି।

# 'ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଲୋଡ଼ା'

ରେମୁଣା,୪।୯(ଡି.ଏନ.ଏ.)

- ରେମୁଣା ପଞ୍ଚାୟତ ସମିତି ବୈଠକ
- କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କ ସମୀକ୍ଷା

ବାଲେଶ୍ୱର ଜିଲା ରେମୁଣା ବ୍ଲକ ପରିସରରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ଉନ୍ନୟନ କାର୍ଯ୍ୟର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରିବ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଧାୟକ ସୁଧାଂଶୁ ଶେଖର ପରିଡା, ତହସିଲଦାର ସଞ୍ଜୟ କୁମାର ରାଉତ, ଭାରପ୍ରାପ୍ତ ବିଡିଓ ମୋହନ ଚରଣ ନାୟକ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଦାସ ପ୍ରମୁଖ ଯୋଗଦେଇ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନା, କୃଷି, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସାଧାରଣ ବଣ୍ଟନ ଏବଂ ଅନ୍ୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନ ମିଳିମିଶି ସାଧାରଣ ଜନତାଙ୍କ ସେବା କରିବାକୁ ମନ୍ତ୍ରୀ ଷଡଙ୍ଗୀ ପରାମର୍ଶ ଦେଇଥିଲେ । ଲୋକଙ୍କ କାମ ତତ୍ପରତାର ସହ ଏବଂ ନିରପେକ୍ଷଭାବେ କରିବାକୁ ଉଭୟ ମନ୍ତ୍ରୀ ଓ ବିଧାୟକ ଗୁରୁତ୍ୱାରୋପ କରିଥିଲେ ।

# ରସାୟନ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ରୂପ୍‌ସା,୪।୯(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ପ୍ରାଧ୍ୟାପକ କାଳୀଚରଣ ଲେଙ୍କା, ଡ. ଅର୍ଦ୍ଧେନ୍ଦୁ କୁମାର ଦାସ, ଡେମନଷ୍ଟ୍ରେଟର ରାଧାଗୋବିନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଧ୍ୟୟନ କରିବା ଆବଶ୍ୟକ ବୋଲି କହିଥିଲେ। ଯୁକ୍ତ ୩ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ଅଧ୍ୟାପକ ଉମ୍ରଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଶୁଭଶ୍ରୀ ଦାସ ଓ ଛାତ୍ର ସାଗର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୋଗାଣ ଅଧିକାରୀଙ୍କ ଅଫିସ୍ ଘେରିଲେ ହିତାଧିକାରୀ

ବାଲେଶ୍ୱର ଅଫିସ,୪।୯

ବାଲେଶ୍ୱର ଜିଲାରେ 'ୱାନ୍ ରାଶନ, ୱାନ ନେଶନ' ଯୋଜନା କାର୍ଯ୍ୟକାରୀ ହେବା ପରେ ଅନେକ ରାଶନ କାର୍ଡ଼ଧାରୀ ସେମାନଙ୍କ ଆଧାର ଲିଙ୍କ୍ କରାଇ ପାରିନାହାନ୍ତି। ସେମାନଙ୍କ ସାମଗ୍ରୀ ବନ୍ଦ ହୋଇଯିବା ଆଶଙ୍କା କରି ବୁଧବାର ଶତାଧିକ ହିତାଧିକାରୀ ଜିଲା ଯୋଗାଣ ବିଭାଗ ଅଧିକାରୀ ଅଫିସ୍ ଘେରାଉ କରିଥିଲେ।

ବାଲେଶ୍ୱର ଜିଲାରେ ୪ଲକ୍ଷ ୭୮ହଜାର ୭୭୧ ପରିବାର ରାଶନ କାର୍ଡ଼ଧାରୀ ଥିବାବେଳେ ଉକ୍ତ କାର୍ଡ଼ ମାଧ୍ୟମରେ ୧୮ଲକ୍ଷ ୪୮ହଜାର ୭୨୦ଜଣ ଉପକୃତ ହେଉଛନ୍ତି। ସେଥିମଧ୍ୟରୁ ୪ଲକ୍ଷ ୭୩ହଜାର ୧୪୧ ଜଣ ରାଶନ କାର୍ଡ଼ଧାରୀ ଆଧାର ଲିଙ୍କ୍‌ରେ ସଂଯୋଗ ହୋଇଥିବାରୁ ସେମାନଙ୍କୁ ଠିକ୍ ଭାବରେ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି। ବାକି ୫ହଜାର ୨୨୫ ରାଶନକାର୍ଡ଼ ଆଧାର ଲିଙ୍କ୍ କରି ନ ଥିବାରୁ ନୂତନ ନିୟମ ଅନୁସାରେ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେବେ। ସେହିପରି ବାଲେଶ୍ୱର ସହରର ମୋଟ୍ ୧୭ହଜାର ୫୬୫ ପରିବାର ରାଶନ କାର୍ଡ଼ଧାରୀ ଅଛନ୍ତି। ସେଥିରୁ ୧୭ହଜାର ୩୮୦ ପରିବାର ଆଧାର ଲିଙ୍କ୍‌ରେ ସଂଯୋଗୀକରଣ କରାଇ ଥିବାବେଳେ ୧୮୫ ପରିବାର ଆଧାର ଲିଙ୍କ୍ କରିନାହାନ୍ତି। ସେମାନେ ମଧ୍ୟ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେବାର ଆଶଙ୍କା କରି ନିଜ ନିଜର ରାଶନ କାର୍ଡ଼ ଧରି ଜିଲା ଯୋଗାଣ ଅଫିସ୍ ଘେରାଉ କରିଛନ୍ତି।

ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରବି ନାରାୟଣ ପୃଷ୍ଟି କହନ୍ତି, ଜିଲାରେ ରାଶନ କାର୍ଡ଼କୁ ଆଧାର ଲିଙ୍କ୍ କରାଇବା ପାଇଁ ନୂତନ ନିୟମ ଅନୁସାରେ କେତେକାଂଶରେ ବାକି ରହିଛି। ଏହାଛଡ଼ା ରାଶନକାର୍ଡ଼ରେ ଥିବା ନାମ ଏବଂ ଆଧାର କାର୍ଡ଼ରେ ଥିବା ନାମ ମଧ୍ୟରେ ସାମଞ୍ଜସ୍ୟ ଆସିବାରୁ କେତେକ ହିତାଧିକାରୀମାନଙ୍କର ଅସୁବିଧା ଦେଖାଦେଇଛି। ଅଦ୍ୟାବଧି କାହାରି ରାଶନ ସାମଗ୍ରୀ ବନ୍ଦ କରାଯାଇ ନାହିଁ। ଉପରୋକ୍ତ ନିୟମ ପ୍ରକ୍ରିୟାକୁ ପୂରଣ ନ କଲେ ରାଶନ ସାମଗ୍ରୀ ବନ୍ଦ ହେବାର ଆଶଙ୍କା ନେଇ ହିତାଧିକାରୀମାନେ ଆସିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଶୁଝା କରି ରାଶନକାର୍ଡ଼ରେ ଥିବା ନାମ ଓ ଠିକଣା, ଆଧାର କାର୍ଡ଼ରେ ଥିବା ନାମ ଓ ଠିକଣା ସହ ସମାନ କରି ଅନଲାଇନ୍‌ରେ ପଞ୍ଜୀକୃତ କରିବା ପାଇଁ ସୂଚାଇଥିଲେ।

■ ରାଜ୍ୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବାଲେଶ୍ୱର ଖେଳାଳିଙ୍କ ବାଜିମାତ୍

# ୫ ବିଭାଗରେ ବିଜେତା ଓ ୨ ବିଭାଗରେ ଉପବିଜେତା

ବାଲେଶ୍ୱର ଅଫିସ,୪।୯

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍ ଅଗଷ୍ଟ ୨୭ ତାରିଖଠାରୁ ଆରମ୍ଭ ହୋଇ ଗତ ୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଶହୀଦ୍‌ନଗର ଇଣ୍ଡୋର ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ବାଲେଶ୍ୱରର ୩୫ ଜଣ ବ୍ୟାଡ୍‌ମିଣ୍ଟନ ଖେଳାଳି ଜୟପ୍ରକାଶ ସିଂଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ।

୧୩ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ବାଲେଶ୍ୱରର ମୟଙ୍କ ଭରଦ୍ୱାଜ ସୁନ୍ଦରଗଡ଼ର ଶ୍ରେୟାସ ପରିଡ଼ାଙ୍କୁ ୨୧/୧୩, ୨୧/୧୮ ପଏଣ୍ଟରେ ପରାସ୍ତ କରି ଏହି ବିଭାଗରେ ବିଜେତା ହୋଇଥିଲେ। ୧୩ବର୍ଷରୁ କମ୍ ଡବଲ୍ସ ବିଭାଗରେ ସେ ଭୁବନେଶ୍ୱରର ଆଦିତ୍ୟ ପାଟିଲଙ୍କୁ ସାଥି କରି କଟକର ଅମ୍ରିତ୍ ତ୍ରିପାଠୀ ଓ ଭୁବନେଶ୍ୱରର ଚିରାଗ ସେନାପତିଙ୍କୁ ୨୧/୭ ଓ ୨୧/୯ରେ ପରାସ୍ତ କରି ବିଜେତା ହୋଇଥିଲେ। ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ବାଲେଶ୍ୱରର ଆରିଆ ମାଝୀ ଭୁବନେଶ୍ୱରର ପ୍ରିୟାଂଶୁ ମହାନ୍ତିଙ୍କୁ ୨୩/୨୧ ଓ ୨୧/୧୨ ପଏଣ୍ଟରେ ପରାସ୍ତ କରି ବିଜେତା ହୋଇଥିଲେ। ୧୫ବର୍ଷରୁ କମ୍ ବାଳକ ଡବଲ୍ସ ବିଭାଗରେ ଭୁବନେଶ୍ୱରର ପ୍ରିୟାଂଶୁ ମହାନ୍ତିଙ୍କୁ ସାଥୀ କରି ଭୁବନେଶ୍ୱରର ସିଦ୍ଧାର୍ଥ ପାଟିଲ ଓ ସମ୍ବଲପୁରର ତସିଫ୍ ଖାଁଙ୍କୁ ୨୧/୯, ୨୧/୧୮ ପଏଣ୍ଟରେ ପରାସ୍ତ କରି ବିଜେତା ହୋଇଥିଲେ। ୧୭ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ବାଲେଶ୍ୱରରୁ ଆରିଆ ମାଝୀ ଭୁବନେଶ୍ୱରର ପାର୍ଥସାରଥୀ ମିଶ୍ରଙ୍କ ଠାରୁ ୨୧/୧୩ ଓ ୨୧/୧୪ ପଏଣ୍ଟରେ ପରାସ୍ତ ହୋଇ ଉପବିଜେତା ହୋଇଥିଲେ। ୩୫ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗରେ ବାଲେଶ୍ୱରର ଜୟପ୍ରକାଶ ସିଂ କୋରାପୁଟର କାହ୍ନୁଚରଣ ପଟ୍ଟନାୟକଙ୍କୁ ୨୧/୧୬, ୧୬/୨୧ ଓ ୨୧/୧୦ ପଏଣ୍ଟରେ ପରାସ୍ତ କରି ବିଜେତା ହୋଇଥିଲେ। ୩୫ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସ ବିଭାଗରେ ବାଲେଶ୍ୱରର ଜୟପ୍ରକାଶ ସିଂ ଓ ଗୋଲାମଅଲ୍ଲି ଖାଁ, କଟକର କମଲ ଦାସ ଓ ଗିରିଜା ଶଙ୍କର ରାୟଙ୍କ ଠାରୁ ୨୧/୧୪ ଓ ୨୧/୧୭ ପଏଣ୍ଟରେ ପରାସ୍ତ ହୋଇ ଉପବିଜେତା ହୋଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ସମସ୍ତ ବିଜେତାମାନଙ୍କୁ ଜାତୀୟସ୍ତର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ରାଜ୍ୟ ପ୍ରତିଯୋଗିତାରେ ଜିଲାର ଏହି ସଫଳତା ପାଇଁ ବାଲେଶ୍ୱର ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

# ୩ ଚୋରା ମଦ ବେପାରୀ ଗିରଫ

ବାଲେଶ୍ୱର ଅଫିସ,୪।୯

ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ, ବିଦେଶୀ ମଦ ସହ ୩ଜଣଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକଙ୍କ ସମେତ ଏକ ୬ଜଣିଆ ଟିମ୍ ସଦର ବ୍ଲକର ପରୀକ୍ଷୀ, ଟିଆଖିଆ, ମୁରୁଡ଼ା ଆଦି ଅଞ୍ଚଳରେ ଚଢ଼ାଉ କରିଥିଲା। ମୁରୁଡ଼ା ଗ୍ରାମର ରଜନୀ ଦାସ (୫୦), ନିଲୁ ଦାସ (୨୨) ଓ ପରୀକ୍ଷୀ ଗ୍ରାମର ରଞ୍ଜନ କରଣ (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଲାଗି ବ୍ୟାନର, ମଣ୍ଡପ

ବାଲେଶ୍ୱର ଅଫିସ,୪।୯



ପ୍ରତିଯୋଗିତାରେ ଯୋଗ ଦେଇଥିବା କ୍ଲବର ସଦସ୍ୟମାନେ।

- ଗଣେଶ ପୂଜା ଅବସରରେ ଅଭିନବ ପ୍ରତିଯୋଗିତା
- କୋଶମ୍ଭ ନଗର କ୍ଲବ ପ୍ରଥମ, ରାଜିଙ୍ଗ ଷ୍ଟାର କ୍ଲବ ଦ୍ୱିତୀୟ

ବାଲେଶ୍ୱର ସହର ଓ ଏହାର ତଳି ଅଞ୍ଚଳରେ ବିଭିନ୍ନ ଗଣେଶ ପୂଜା ମଣ୍ଡପରେ ଏଥର ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ବାର୍ତ୍ତା ଆଧାରିତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ହର୍ଷସୁ କ୍ରାବ ଫୋରମ୍ ତରଫରୁ ପ୍ରଥମଥର ଆୟୋଜିତ ଏଭଳି ପ୍ରତିଯୋଗିତାରେ ବିଭିନ୍ନ କ୍ଲବ ଓ ଅନୁଷ୍ଠାନ ଭାଗ ନେଇ ବ୍ୟାନର ଓ ମଣ୍ଡପ ଆଦି ପ୍ରଦର୍ଶନ କରିଥିଲେ। ଏଥିରେ କୋଶମ୍ଭ ନଗର କ୍ଲବ ୧ମ ଓ ରାଜିଙ୍ଗ ଷ୍ଟାର କ୍ଲବ ୨ୟ ସ୍ଥାନ ହାସଲ କରି ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ଅର୍ଥରାଶି ପାଇଛନ୍ତି।

ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭୀମପୁରାର କୋଶମ୍ଭ ନଗର କ୍ଲବ, ଓଟି ରୋଡ୍‌ର ଆଟିଚ୍ୟୁଟ ଅନୁଷ୍ଠାନ, ମାଣିଖମ୍ବର ଧୁମ୍‌ଧାମ କ୍ଲବ, ତାଳବୋରାଇର ଦି ରୟାଲ କ୍ଲବ, ରାଇଜିଙ୍ଗ ଷ୍ଟାର କ୍ଲବ, ବାହାବଳପୁର ଆଞ୍ଚଳିକ ମହାବିଦ୍ୟାଳୟ ଓ ସାର୍ଥାର ବ୍ରଜମୋହନ ମହାବିଦ୍ୟାଳୟ ପକ୍ଷରୁ ମୋଟ୍ ୭ଟି ମଣ୍ଡପ ପ୍ରଦର୍ଶନ କରାଯାଇଥିଲା। ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ପାଇଁ କେତେକ ଅନୁଷ୍ଠାନ କେବଳ ବ୍ୟାନର ମାରି ସଚେତନତା ସୃଷ୍ଟି କରିଥିବାବେଳେ ବ୍ରଜମୋହନ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଶମ୍ଭୁନାଥ ପାଲଙ୍କ ନେତୃତ୍ୱରେ ସମସ୍ତ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା । ଦି ରୟାଲ କ୍ଲବ ତରଫରୁ ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ କ୍ଲବର ସଦସ୍ୟମାନେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ରାଇଜିଙ୍ଗ ଷ୍ଟାର କ୍ଲବ ତରଫରୁ ଯୁବ ସଂଗଠକ ସରୋଜ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ତପନ ଆଚାର୍ଯ୍ୟ ଲିଖିତ କବିତା ଓ ସୁରକ୍ଷା ବାଣୀର ପ୍ରଦର୍ଶିତ ବ୍ୟାନର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେହିପରି କୋଶମ୍ଭ ନଗର କ୍ଲବର ଶାନ୍ତନୁ ପ୍ରଧାନଙ୍କ ନେତୃତ୍ୱରେ ନୀଳରକ୍ତ କଙ୍କଡ଼ା ଆକୃତିର ଏକ ଗଣେଶ ପ୍ରତିମୂର୍ତ୍ତି ମଣ୍ଡପରେ ପ୍ରଦର୍ଶିତ ହୋଇଥିଲା। ପୂଜାର ୨ୟ ଦିନ ସନ୍ଧ୍ୟାରେ ବାଲେଶ୍ୱରର ହର୍ଷସୁ କ୍ରାବ ଫୋରମ୍ ଯଥା ଆସୋସିଏଶନ ଫର ବାଇଓ ଡାଇଭର୍ସିଟି କର୍ଭେଶନର ମୁଖ୍ୟ ଡ. ସିଦ୍ଧାର୍ଥ ପତି, ସିଦ୍ଧେଶ୍ୱର କଲେଜ, ଅମର୍ଦାର ଜୁଲୋଜି ବିଭାଗର ପ୍ରାଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବାଲେଶ୍ୱରୀ କଳା କେନ୍ଦ୍ରର ଶିଳ୍ପୀ କେଶୁ ଦାସ, ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ, ହର୍ଷସୁ କ୍ରାବ ଫାଉଣ୍ଡେଶନର ମୁଖ୍ୟ ସୁଧାକର ସେଠୀ, ଯୁବ କବି ରଣଜିତ୍ ପୃଷ୍ଟି ସମସ୍ତ ମଣ୍ଡପ ପରିଦର୍ଶନ କରି ଭୀମପୁରାର କୋଶମ୍ଭ ନଗର କ୍ଲବକୁ ୧ମ, ତାଳବୋରାଇର ରାଜିଙ୍ଗ ଷ୍ଟାର କ୍ଲବକୁ ୨ୟ ଭାବରେ ମନୋନୀତ କରିଥିଲେ। ପ୍ରବୀର କୁମାର କମିଳା, ପ୍ରଣତି ମହାପାତ୍ର, ଦେବାଶିଷ ସିଂହ, ସଞ୍ଜୟ କୁମାର ପଣ୍ଡା, ରାଜେନ୍ଦ୍ର ଗିରି, ତୃପ୍ତିରାଣୀ ପାତ୍ର, ସୌମ୍ୟରଞ୍ଜନ ପାଳ, ଗଗନ ସେଠୀ, ଇନାୟତ ଅଲ୍ଲି ଖାନ୍, ଅଜିମ ବାଲେଶ୍ୱରୀ, ମଧୁସୂଦନ ମିଶ୍ର, ପ୍ରଭାକର ସାହୁ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ସଂକ୍ଷେପରେ**

## ସ୍ନେହାଙ୍କୁ ସ୍ୱର୍ଣ୍ଣ



ଭଦ୍ରକ ଅଫିସ, ୪।୯ - ଭଦ୍ରକ ପୌରାଞ୍ଚଳ ଅନ୍ତର୍ଗତ ସାମରାଇପୁର ବିଜୁ ପଟ୍ଟନାୟକ ନଗରର ୮ମ ଶ୍ରେଣୀର ଛାତ୍ରୀ ସ୍ନେହା ଦାସ ଆଧୁନିକ ଚିତ୍ର ଆଙ୍କି ଦିଲ୍ଲୀରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ଶରତ ଚନ୍ଦ୍ର ଦାସ ଓ ସୁପ୍ରଭା ଦାସଙ୍କ ଝିଅ। ସେ ଅନ୍‌ଲାଇନ୍‌ରେ ପ୍ରତିଯୋଗିତାରେ ଭାଗନେଇ ଏହି ସଫଳତା ପାଇଛନ୍ତି। ମଡର୍ଣ୍ଣ ଆର୍ଟ ବିଭାଗରେ ସେ ଆଙ୍କିଥିବା ରାଧାକୃଷ୍ଣଙ୍କ ମିଳନ ଚିତ୍ର ସମସ୍ତଙ୍କ ମନ ଜିଣିଥିଲା। ଦିଲ୍ଲୀସ୍ଥିତ ଆର୍ଟ, ଆଟିଷ୍ଟ ଓ ଆଟିଷ୍ଟିକ୍ ଅନୁଷ୍ଠାନ ପକ୍ଷରୁ ନିକଟରେ ତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ଏହାପୂର୍ବରୁ ହାଇଦ୍ରାବାଦ କୁନାସୀମା ଚିଲ୍‌ଡ୍ରେନ ଆର୍ଟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ, ଓଡ଼ିଶା ଲଳିତ କଳା ଏକାଡେମୀ, ଧଉଳି ଇଣ୍ଟରନ୍ୟାଶନାଲ ଆର୍ଟ ଫେଷ୍ଟିଭାଲ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ସ୍ଥାନରୁ ସ୍ୱର୍ଣ୍ଣପଦକ ଓ ବିଭିନ୍ନ ପଦକ ହାସଲ କରି ଜିଲା ପାଇଁ ଗର୍ବ ଆଣିଛନ୍ତି। ସେ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ।

## ୫୦ ୟୁନିଟ ରକ୍ତ ସଂଗୃହୀତ

ବନ୍ତ, ୪।୯ (ଡି.ଏନ.ଏ.) - ବନ୍ତ ବ୍ଲକ ଷେଣ୍ଡତୀରାସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାଳୟଠାରେ ଶ୍ରୀଗଣେଶ ୟୁଥ୍ କ୍ଲବ ଆନୁକୂଲ୍ୟରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ଭାବେ ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ, ସମାଜସେବୀ ପ୍ରଦୀପ୍ତ ବିଶ୍ୱାଳ, ତପସ୍ୱିନୀ ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଷେଣ୍ଡତୀରା ସମବାୟ ସମିତି ସଭାପତି ପ୍ରେମାନନ୍ଦ ନାୟକ ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ ଯୋଗ ଦେଇଥିଲେ। ୟୁଥ୍ କ୍ଲବର ସଭାପତି ସୁନୀଲ ସେନାପତି ଓ ସମ୍ପାଦକ ସଞ୍ଜୀବ ଖଣ୍ଡେଇଙ୍କ ତତ୍ତ୍ୱାବଧାନରେ ଶିବିରରେ ରଶ୍ମିରଞ୍ଜନ ସେନାପତି, ବାସୁଦେବ ଷେଣ୍ଠ, ଶଶିକାନ୍ତ ଜେନା, ଚିନ୍ମୟ ସେନାପତି, ଅବିନାଶ ପାଢ଼ୀ, ଶୁଭ ଜେନା, ରାଜକିଶୋର ବାରିକ୍, ଅଭିଜିତ୍ ବେହେରା ଓ ସରୋଜ ସ୍ୱାଇଁ ସହାୟତା କରିଥିଲେ।

## ମୋଟର ଯାନ ଆଇନ ସଚେତନତା

ବାସୁଦେବପୁର, ୪।୯ (ଡି.ଏନ.ଏ.)- ବାସୁଦେବପୁର ସହର ମଧ୍ୟରେ ସ୍ଥାନୀୟ ପୋଲିସ ପକ୍ଷରୁ ବୁଧବାର ମୋଟର ଯାନ ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବାଇକ୍ ଚଳାଚଳ କ୍ଷେତ୍ରରେ ଆସିଥିବା ନୂତନ ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତିଙ୍କ ସମେତ ପୋଲିସ କର୍ମଚାରୀ ଓ କେତେକ ସାମାଜିକ କର୍ମୀ ଥାନା ପରିସରରୁ ବାହାରି ସହରରେ ସଚେତନତା ରାଲି କରିଥିଲେ। ଲୋକଙ୍କୁ ନୂଆ ମୋଟର ଯାନ ଆଇନ ସମ୍ପର୍କରେ ବୁଝାଇ ସଚେତନ କରାଇଥିଲେ।

# ସହରବାସୀଙ୍କୁ ମିଳୁନି ଉପଯୁକ୍ତ ସେବା

ଭଦ୍ରକ ଅଫିସ, ୪।୯

ଭଦ୍ରକ ପୌରପାଳିକାର ୧, ୨ ଓ ୩ ନମ୍ବର ୱାର୍ଡ ବରାଳପୋଖରୀ ଅଞ୍ଚଳର ଲୋକେ ସହରରେ ରହୁଥିବା ଗର୍ବ କରନ୍ତି। ହେଲେ ବିଭିନ୍ନ ସରକାରୀ ସେବା ଗାଁ ଲୋକ ପାଇଲା ଭଳି ପାଉଛନ୍ତି। ପୌରାଞ୍ଚଳରେ ଟିକସ ଦେଉଛନ୍ତି କିନ୍ତୁ ପଞ୍ଚାୟତର ସେବା ମିଳୁଛି। ଏଭଳି ଅଭିଯୋଗ ନେଇ ବରାଳପୋଖରୀ ଅଞ୍ଚଳର କେତେକ ସଚେତନ ନାଗରିକ ବୁଧବାର ଜିଲାପାଳଙ୍କୁ ଭେଟିଛନ୍ତି।

ଏଠାରେ ବିଦ୍ୟୁତ୍ ବିଭ୍ରାଟ ନିତିଦିନିଆ କଥା। ବିଦ୍ୟୁତ୍ ବିଭ୍ରାଟ ଓ ଲୋ ଭୋଲ୍‌ଟେଜ୍ କାରଣରୁ ଦୈନିକ ଏହି ଅଞ୍ଚଳର ପିଲାଠାରୁ ବୁଢ଼ା ନାନା ସମସ୍ୟା ଭୋଗୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବା ନେଇ

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ସଚେତନ ନାଗରିକ**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବାଜନମଞ୍ଚର କର୍ମକର୍ତ୍ତା।

ସ୍ଥାନୀୟ ଜନମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକଟ କରାଯାଇଛି। ବିଦ୍ୟୁତ୍ ସେବାରେ ସୁଧାର ଦାବି କରି ଜନମଞ୍ଚ ପକ୍ଷରୁ ପରେଶ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାଛଡ଼ା ରାସ୍ତାଘାଟରେ କୌଣସି ବିଜୁଳି ଆଲୋକର ବ୍ୟବସ୍ଥା ନାହିଁ। ଲୋକେ ଅନ୍ଧାରରେ ଯାତାୟାତ କରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନମଞ୍ଚର କର୍ମକର୍ତ୍ତା ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ଏ ନେଇ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଦୁଇମାସ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେତେବେଳେ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାମଧ୍ୟରେ କୌଣସି ପ୍ରତିକାର କରାଯାଇ ନ ଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଦାବିପତ୍ର ଦେବାକୁ ଯାଇଥିବା ପ୍ରତିନିଧି ଦଳରେ ସାମାଜିକ କର୍ମୀ ଚନ୍ଦ୍ରଭାନୁ ନାୟକ, କାମେଶ୍ୱର ସାମଲ, ଗୌରଚନ୍ଦ୍ର ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ, ଉମାକାନ୍ତ ନାୟକ, ରାଜକିଶୋର ସାହୁ, ପତିତପାବନ ନାୟକ, ଦିଲୀପ ନାୟକ, ସୁରେଶ କୁମାର ନାୟକ ଓ ସୋମନାଥ ନାୟକ ପ୍ରମୁଖ ସାମିଲ ଥିଲେ।

# ନବୋଦୟ ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ

## ଭୟରେ ପିଲାଙ୍କୁ ଘରକୁ ନେଇଯାଉଛନ୍ତି ଅଭିଭାବକ

ବାସୁଦେବପୁର, ୪।୯ (ଡି.ଏନ.ଏ.) –

ଭଦ୍ରକ ଜିଲା ବାସୁଦେବପୁର ଚାନ୍ଦମାଳିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର ଜ୍ୱର ସହିତ ଝାଡ଼ା ଓ ମୁଣ୍ଡବ୍ୟଥା ହେଉଥିବାରୁ ଅସୁସ୍ଥ ହୋଇପଡ଼ିଛନ୍ତି। ଗତ ଦୁଇଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଲାଣି। ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିବା ବେଳେ ଅଭିଭାବକମାନେ ସେମାନଙ୍କୁ ଘରକୁ ନେଇଯାଉଥିବା ସୂଚନା ମିଳିଛି। ସେହିପରି ଆଗକୁ ଏହି ଜ୍ୱର ଅନ୍ୟ ପିଲାଙ୍କୁ ବଢ଼ିବାର ଆଶଙ୍କା ଥିବାରୁ ଭୟରେ ଅଭିଭାବକ ତାଙ୍କ ପିଲାଙ୍କୁ ଘରକୁ ନେଇ ଚିକିତ୍ସା କରାଉଥିବା ଜଣାପଡ଼ିଛି। ତେବେ କେଉଁ କାରଣ ପାଇଁ ଛାତ୍ରୀଛାତ୍ର ଜ୍ୱର ଓ ଝାଡ଼ାରେ ଆକ୍ରାନ୍ତ ହେଉଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପିଇବା ପାଣି ସଂକ୍ରମଣ ଓ ଦୂଷିତ ପରିବେଶ ଏହାର କାରଣ ହୋଇଥାରେ ବୋଲି ଅନୁମାନ କରାଯାଉଛି। ଏହା ଏକ କେନ୍ଦ୍ରୀୟ ବିଦ୍ୟାଳୟ ହୋଇଥିବା ବେଳେ ନିୟମିତ ଭାବେ ଡାକ୍ତର ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଡାକ୍ତର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଯାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷା ସଙ୍ଗୀତା ଜୟସ୍ୱାଲଙ୍କୁ ପଚାରିବାରୁ ଛାତ୍ରୀଛାତ୍ର ଜ୍ୱର, ଝାଡ଼ାରେ ପୀଡ଼ିତ ହେବା ଘଟଣାକୁ ସ୍ୱୀକାର କରିଥିଲେ। ଚିକିତ୍ସା ପାଇଁ ଏଠାକୁ ନିୟମିତ ଡାକ୍ତର ଆସୁ ନ ଥିବା ସମ୍ପର୍କରେ ସେ ଜିଲାପାଳଙ୍କୁ ଅବଗତ କରିଥିବା କହିଛନ୍ତି।

# ନ୍ୟାୟ ପାଇଁ ଏସ୍‌ପି, ଜିଲାପାଳଙ୍କ ଦ୍ୱାରସ୍ଥ



ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଅଭିଯୋଗକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ନେତା।

ଭଦ୍ରକ ଅଫିସ, ୪।୯

ଆକ୍ରମଣର ଶିକାର ହୋଇଥିବା ବାସୁଦେବପୁର ଦିହାଚାନ୍ଦି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ କାମିନୀ ଦାସ ନ୍ୟାୟ ପାଇଁ ବୁଧବାର ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବା ସହ ତାଙ୍କ ସୁରକ୍ଷା ପାଇଁ ଦାବି କରିଛନ୍ତି।

ଶିକ୍ଷୟିତ୍ରୀ ଦାସ ଅଭିଯୋଗ କରିଛନ୍ତି ଯେ, ଗତ ଶୁକ୍ରବାର ଶ୍ରେଣୀଗୃହରେ ପଢ଼ାଉଥିବା ବେଳେ ଏକ ଦମ୍ପତି ସ୍କୁଲ ଭିତରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସେ କଷିଆ ମେରାଇନ୍ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୪୦/୧୯) ରୁଜୁ ହୋଇଛି। କିନ୍ତୁ ୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିନାହିଁ। ଫଳରେ ସେ ଶିକ୍ଷକ ସଂଘ ସହାୟତାରେ ଜିଲାପାଳ ଓ ଏସ୍‌ପିଙ୍କ ନିକଟକୁ ନ୍ୟାୟ ପାଇଁ ଆସିଛନ୍ତି ବୋଲି ଦର୍ଶାଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ପି ରାଜେଶ ପଣ୍ଡିତ ତାଙ୍କୁ ଆଶ୍ୱାସନା ଦେଇଥିଲେ। ଜିଲା ଶିକ୍ଷାସହାୟକ ସଂଘର ସଭାପତି ପ୍ରଶାନ୍ତ କୁମାର ଦାସ, ବାସୁଦେବପୁର ବ୍ଲକ ଶିକ୍ଷାସହାୟକ ସଂଘର ଶତାଧିକ ପ୍ରତିନିଧି, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଙ୍ଗଠନ ସମ୍ପାଦକ ହାଜି ତବରେଜ ଖାନ୍, ଜିଲା ସଂଘର ନେତା ସେକ୍ ଅବୁଦଲ ଜାବିର, ଶିକ୍ଷକନେତା ଅଶୋକ କୁମାର ନାୟକ, ପୀତାମ୍ବର ଦାସ, ଚନ୍ଦ୍ରଶେଖର ପାଣିଗ୍ରାହୀ, ପ୍ରଶାନ୍ତ ଧଳ ଓ ଅରୂପ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ପାର୍କରେ ଯୁବକଙ୍କ ଦୌରାତ୍ମ୍ୟ

## ୬ ଜଣଙ୍କ ନାଁରେ ଥାନାରେ ମାମଲା

ଭଦ୍ରକ ଅଫିସ, ୪।୯

ଭଦ୍ରକ ଉପକଣ୍ଠ ରାନ୍ଦିଆଠାରେ ଥିବା ଏକ ଘରୋଇ ଶିଶୁ ପାର୍କରେ ଗତ ୨ ତାରିଖ ସନ୍ଧ୍ୟାରେ କେତେକ ଅସାମାଜିକ ଯୁବକ ପଶି ଗୁଣ୍ଡାରାଜ ଚଳାଇଥିଲେ। ସେଠାରେ ବୁଲିବାକୁ ଆସିଥିବା ଲୋକଙ୍କୁ ସେମାନେ ବିଭିନ୍ନ ଧମକ ଦେବା ସହ କେତେକଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ଏ ନେଇ ଭଦ୍ରକ କୁଆଁସ ଗ୍ରାମର ସ୍ନିଗ୍ଧା ସୌମେନ ମହାନ୍ତି ନାମ୍ନୀ ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନାରେ ୬ ଜଣଙ୍କ ନାଁରେ ମାମଲା(ନଂ.୪୭୧/୧୯) ରୁଜୁ କରାଯାଇଛି। ସେମାନେ ହେଲେ ବିଶ୍ୱାଳସାହି ଗାଁର ବିଶ୍ୱଜିତ ବିଶ୍ୱାଳ, ରଞ୍ଜିତ ବିଶ୍ୱାଳ, ତପୀ ମହାପାତ୍ର, ଦେବେନ୍ଦ୍ର ବିଶ୍ୱାଳ, ସୃଜନ ବିଶ୍ୱାଳ ଓ ଫୁଟୁ ଦେହୁରୀ। ପୋଲିସ ଏହି ୬ ଜଣଙ୍କୁ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନୁରୂପ ଆକ୍ରମଣର ଶିକାର ହୋଇଥିବା ତିହିଡ଼ି ଥାନା ଗଳଗଣ୍ଡପୁର ଗ୍ରାମର ଦେବାଶିଷ ମହାନ୍ତି ମଧ୍ୟ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

# ଈଶାଣପୁର-କଷଟି ରାସ୍ତା ବିପଦସଙ୍କୁଳ

ତିହିଡ଼ି, ୪।୯ (ଡି.ଏନ.ଏ.)

ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଈଶାଣପୁର-କଷଟି ରାସ୍ତାର ଇଟାଗଡ଼ି କେନାଲ ନିକଟରେ ବର୍ଷେ ହେବ ଏକ ଖାଲ ସୃଷ୍ଟି ହୋଇଛି। ଏହା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଯାତାୟାତ ପାଇଁ

**ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ**

ପଞ୍ଚାୟତର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ଇଟାଗଡ଼ି ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଏହାର ମରାମତି ନ ହେଲେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର କଂକ୍ରିଟ୍ ଗୋଟିଏ ପାର୍ଶ୍ୱକୁ ଧସିଯାଇ ଅର୍ଦ୍ଧାଧିକ ଅଂଶରେ ଗାଡ଼ ହୋଇଛି। ଫଳରେ ରାସ୍ତାରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଜରୁରୀକାଳୀନ ପରିସ୍ଥିତିରେ



ଈଶାଣପୁର-କଷଟି ରାସ୍ତାର ଇଟାଗଡ଼ି କେନାଲ ନିକଟରେ ଖାଲ।

ଆମ୍ବୁଲାନ୍ସ ଓ ଦମକଳ ଯିବା କଷ୍ଟକର ହୋଇପଡୁଛି। ରାସ୍ତାର ଏପରି ଅବସ୍ଥା ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏ ଏହା କାର୍ଯ୍ୟକାରୀ କରାଯାଇ ନାହିଁ। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଇଟାଗଡ଼ି ଗ୍ରାମର ସମାଜିକ କର୍ମୀ ଗଣେଶ ପ୍ରସାଦ ରାଉତ, ଲକ୍ଷ୍ମୀଧର ସେଠୀ, କମଳାକାନ୍ତ ସେଠୀ, ଦେବେନ୍ଦ୍ର ଖଟୁଆ, ଅକ୍ଷୟ କୁମାର ବେହେରା, ଲକ୍ଷ୍ମୀଧର ପାତ୍ର, ଧନେଶ୍ୱର ଗଣ ଓ ଅର୍ଜ୍ଜୁନ ଚରଣ ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଭଦ୍ରକ ରେଳଷ୍ଟେଶନ ପରାମର୍ଶଦାତା କମିଟି ବୈଠକ

# ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ଭଦ୍ରକ ଅଫିସ,୪।୯

ଭଦ୍ରକ ରେଳଷ୍ଟେଶନ ପରାମର୍ଶଦାତା କମିଟି ବୈଠକ ବୁଧବାର ଷ୍ଟେଶନ ମ୍ୟାନେଜରଙ୍କ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଦୀର୍ଘ ୪ବର୍ଷ ହେବ କମିଟି ପକ୍ଷରୁ ଷ୍ଟେଶନକୁ ୧୬ ନମ୍ବର ଜାତୀୟ ରାଜପଥରୁ ସଂଯୋଗ ଲାଗି ପ୍ରସ୍ତାବିତ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୧୬ ଡିସେମ୍ବର ୨୬ରେ ପରାମର୍ଶଦାତା କମିଟି ପକ୍ଷରୁ ଆଗତ ଏହି ଦାବିକୁ ରେଳ କର୍ତ୍ତୃପକ୍ଷ ଜିଲାପାଳଙ୍କୁ ପ୍ରଦାନ କରିଥିଲେ ମଧ୍ୟ ଏ ଦିଗରେ ଅଗ୍ରଗତି ନ ହେବା ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଷ୍ଟେଶନ ପାରିପାର୍ଶ୍ୱିକ ପରିବେଶ, ପରିମଳ ବ୍ୟବସ୍ଥା ସମ୍ପର୍କରେ ଧ୍ୟାନ ଦେବାକୁ ଦାବି କରାଯାଇଥିଲା। ଅନୁରୂପ ଭାବେ ଡିଏମ୍‌ୟୁ, ବାରିପଦା-ବାଙ୍ଗିରିପୋଷି ପାସେଞ୍ଜର ଆଦି ୪ଟି ମେମୋ ଟ୍ରେନ୍‌ରେ ବଗି ସଂଖ୍ୟା ବୃଦ୍ଧି ଏବଂ ଭଦ୍ରକ ଷ୍ଟେଶନରେ ବିଭିନ୍ନ ଦ୍ରୁତଗାମୀ ଟ୍ରେନ୍ ରହଣି ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା ପୂର୍ବତଟ ରେଲୱେ ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର ଜ୍ଞାନରଞ୍ଜନ ନାୟକ, ଏସ୍‌ଆର୍‌ଏମ୍ ଦିଗମ୍ବର ବଳ, ମୁଖ୍ୟ ବାଣିଜ୍ୟିକ ଅଧିକାରୀ ସୁନୀଲ କୁମାର ବେହେରା, ଭଦ୍ରକ ଷ୍ଟେଶନ ପରାମର୍ଶଦାତା କମିଟିର ସଦସ୍ୟ ସଂଗ୍ରାମ ଆଚାର୍ଯ୍ୟ, ଅବିନାଶ ଜେନା, ଉମାକଲ୍ୟାଣ ମହାପାତ୍ର, ସଂଗ୍ରାମ କେଶରୀ ମହାନ୍ତି ଓ ବିନୋଦ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ପକ୍କାଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ

ଭଣ୍ଡାରିପୋଖରୀ, ୪।୯ (ଡି.ଏନ.ଏ.) – ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଡିଓ ବନମାଳୀ ତରାଇଙ୍କ ନିର୍ଦ୍ଦେଶକ୍ରମେ ପକ୍କାଗୃହ ନିର୍ମାଣ ଲାଗି ବୁଧବାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରପଞ୍ଚ ରଞ୍ଜୁଲତା ସେଠୀ ୭୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଅଗ୍ରିମ ଟଙ୍କା ପାଇବା ତାରିଖଠାରୁ ୪ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କଲେ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ବୋଲି ସରପଞ୍ଚ ହିତାଧିକାରୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଗଗନ ବିହାରୀ ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରଣ ଚନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ମନୋଜ ମିଶ୍ର ଓ ଜିଆର୍‌ଏସ୍ ହିମାଦ୍ରୀ ନଳିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଗରିମା ପରୀକ୍ଷା

ବନ୍ତ, ୪।୯ (ସ୍ୱ.ପ୍ର./ଡି.ଏନ.ଏ.)

ବନ୍ତ ବ୍ଲକରେ ବୁଧବାର ୮୮ଟି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଗରିମା ପରୀକ୍ଷା କରାଯାଇଛି। ୨ୟରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେମାନଙ୍କ ଦକ୍ଷତାକୁ ନେଇ ଏହି ପରୀକ୍ଷା କରାଯାଉଥିବା ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ସୂଚନା ଦେଇଛନ୍ତି। ଆଗରପଡ଼ାସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ୮୮ଟି ଟିମ୍ ଗଠନ କରାଯାଇ ପରୀକ୍ଷା ପରିଚାଳନା କରାଯାଇଥିଲା। ସାହିତ୍ୟ, ଗଣିତ ଓ ଇଂଲିଶ ବିଷୟରେ ମୌଖିକ ଓ ଲିଖିତ ପରୀକ୍ଷା କରାଯାଇଛି। କାଦବରାଙ୍ଗ ଶିକ୍ଷା ସର୍କଲ ଆପ୍ତିରା ୟୁଜିଏମ୍‌ଇ ସ୍କୁଲରେ ଜିଲା ଶିକ୍ଷା ପ୍ରଶିକ୍ଷଣର ଅଧ୍ୟାପିକା ସ୍ନେହଲତା



ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

ରାଜ, ସ୍ୱର୍ଣ୍ଣପ୍ରଭା କୁଅଁର, ମୀନାକ୍ଷୀ ଟୁଡୁ ଓ ସିଆର୍‌ସିସି ମନୋଜ ରାଉଳ ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଷମା ଜେନା, ଶିକ୍ଷୟିତ୍ରୀଶିକ୍ଷକ ଅନୁଜା ପଣ୍ଡା, ଜାନକୀବାଳା ଜେନା, ଗୋପୀନାଥ ଦାଶ, ପ୍ରଭାତ ନାୟକ, ବିଶ୍ୱନାଥ ସେଠୀ, ରତ୍ନାକର ଖିଲାର ଓ ପରିଚାଳନା କମିଟି ସଭାପତି ସୁରେଶ ଭାରତୀଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାସ୍ତା ନିୟମ ମାନିବାକୁ ପରାମର୍ଶ

## ହେଲ୍‌ମେଟ ପିନ୍ଧିଥିବା ଚାଳକଙ୍କୁ ଧନ୍ୟବାଦ କାର୍ଡ, ଗୋଲାପଫୁଲ

ଆରଡ଼ି, ୪।୯ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଦୋହରାପାଟଣା ନୀଳମାଧବ କ୍ଲବ ପକ୍ଷରୁ ବୁଧବାର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସଦସ୍ୟମାନେ ଆଖଣ୍ଡଳମଣି – ଭଦ୍ରକ ରାସ୍ତାରେ ବାଇକ୍ ଚାଳକଙ୍କୁ ହେଲ୍‌ମେଟ ପିନ୍ଧିବା ସହ ନୂଆ ମୋଟର ଯାନ ଆଇନ ମାନିବାକୁ ପରାମର୍ଶ ଦେଇଥିଲେ। ଏଥିସହ ହେଲ୍‌ମେଟ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଧନ୍ୟବାଦ କାର୍ଡ ଓ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବାନ୍ଧି ଗାଡ଼ି ଚଳାଇବା ନେଇ ସେମାନେ ସଚେତନ କରାଇଥିଲେ। ରାସ୍ତାରେ ବହୁସଂଖ୍ୟକ ବ୍ୟକ୍ତି ବିନା ହେଲ୍‌ମେଟରେ ଗାଡ଼ି ଚଳାଇବା ଓ



ଦୋହରାପାଟଣା ନୀଳମାଧବ କ୍ଲବ ସଦସ୍ୟ ହେଲ୍‌ମେଟ ପିନ୍ଧିବାକୁ ପରାମର୍ଶ ଦେଉଛନ୍ତି।

ଦ୍ରୁତଗତିରେ ବାଇକ୍ ଚଳାଉଥିବା ଦେଖିବାକୁ ମିଳିଥିଲା ବୋଲି କ୍ଲବର ସଦସ୍ୟମାନେ କହିଥିଲେ। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ଉପସ୍ଥିତ ରହି ଅନୁଧ୍ୟାନ କରିଥିଲେ। କ୍ଲବ ସଦସ୍ୟ ଅଜୟ ନାୟକ, ଅମର ନାୟକ, ସୁଧାଂଶୁ ଶେଖର ନାୟକ, ସମ୍ବିତ ନାୟକ, ଜ୍ୟୋତିପ୍ରକାଶ ନାୟକ, ସୁବାସ ନାୟକ ଓ ଶୁଭାଶିଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। କେବଳ ଗଣେଶ ପୂଜା ନୁହେଁ ଅନ୍ୟାନ୍ୟ ପର୍ବପର୍ବାଣୀରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କ୍ଲବ ସଭାପତି ଜ୍ଞାନେନ୍ଦ୍ର ମହାପାତ୍ର ଓ ସମ୍ପାଦକ ଶୁଭେନ୍ଦୁ ନାୟକ ସୂଚନା ଦେଇଥିଲେ।

# ‘ଶିକ୍ଷାର୍ଥୀଙ୍କ ଦୃଷ୍ଟିଭଙ୍ଗୀ ସକାରାତ୍ମକ ହେବା ଆବଶ୍ୟକ’

ଚାନ୍ଦବାଲି, ୪।୯ (ଡି.ଏନ.ଏ.)

ସମାଜରେ ଘଟୁଥିବା ଘଟଣାବଳୀ ପ୍ରତି ଛାତ୍ରୀଛାତ୍ରଙ୍କର ଦୃଷ୍ଟିଭଙ୍ଗୀ ସକାରାତ୍ମକ ହେବା ଆବଶ୍ୟକ। ସେମାନେ ଦୃଷ୍ଟିଭଙ୍ଗୀର ଚୟନ ସହିତ ମାନବୀୟ ମୂଲ୍ୟବୋଧକୁ ଭୁଲିବା ଉଚିତ ନୁହେଁ। ମତୋ ଯୁକ୍ତ ୩ ସ୍ନାତକ କଲେଜର ୨୮ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମେଜର ଡ. ଅଭୟ କୁମାର ପଣ୍ଡା କହିଥିଲେ। ବୁଧବାର କଲେଜ ପରିସରରେ ଆୟୋଜିତ ଉତ୍ସବରେ ଉପଦେଷ୍ଟା ଅଧ୍ୟାପକ ସୁବାସ ମଲ୍ଲ ଅଧ୍ୟକ୍ଷତା କରିଥିଲେ। ପୁରୀ ଜଗନ୍ନାଥ ସଂସ୍କୃତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ରମେଶ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ. ବସନ୍ତ କୁମାର ପାଣିଗ୍ରାହୀ, କଲେଜ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ସନାତନ ସାହୁ ସମ୍ମାନିତ ଅତିଥି ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀ ପ୍ରତାପ ଚନ୍ଦ୍ର ସେଠ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ୧୯୯୨ ମସିହାରୁ ଅଦ୍ୟାବଧି କଲେଜ ବହୁ ସମସ୍ୟା ଦେଇ ଗତି କରି ଆସିଛି ବୋଲି ଉପଦେଷ୍ଟା ମଲ୍ଲ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ପରିଚାଳନା କମିଟିର ପୂର୍ବତନ ସଭ୍ୟ ପ୍ରତାପ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ଅଧ୍ୟାପକ ଭାବେ ଅଧ୍ୟାପକ ସୁକାନ୍ତ ଚରଣ ଜେନା ଓ କର୍ମଚାରୀ ପ୍ରଦୀପ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳାରେ ଶ୍ରେଷ୍ଠ ଗ୍ରାଜୁଏଟ ଭାବେ ଅନସୂୟା ଦାଶ, ବାଣିଜ୍ୟରେ ବିଳାସିନୀ ମଲ୍ଲିକ, ଇତିହାସରେ ବନିତା ସାହୁ, ଓଡ଼ିଆରେ ବିନିତା ନାୟକ ଓ ରାଜନୀତି ବିଜ୍ଞାନରେ କଳ୍ପନା ଭୋଳ ସମ୍ମାନିତ ହୋଇଥିଲେ। ଅଧ୍ୟକ୍ଷ ବିଭୂତି ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ନିରୁପମା ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଦିଲୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନଦୀକୁ ଡେଇଁ ମହିଳା ନିଖୋଜ

ହାଟଡିହୀ,୪।୯(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଜାମିନପୁର ଅଞ୍ଚଳର ଜଣେ ମହିଳା ନଦୀକୁ ଡେଇଁ ପଡ଼ି ନିଖୋଜ ଅଛନ୍ତି। ନିରୁପମା ହାବେଳେଶ୍ୱର ଗ୍ରାମ ଶିବ ମନ୍ଦିର ନିକଟ ବୈତରଣୀ ନଦୀ ଭିତରକୁ ଡେଇଁପଡିଥିଲେ। ଲୋକମାନେ ଏହା ଦେଖି ଓଡ୍ରାଫ ଟିମ୍ ଏବଂ ପୋଲିସକୁ ଖବର ଦେଇଥିଲେ। ଓଡ୍ରାଫ ଟିମ୍ ଖୋଜାଖୋଜି ଜାରି ରଖିଥିଲେ ବି ମହିଳାଙ୍କୁ ଠାବ କରାଯାଇପାରିନି। ଘରୋଇ କଳିରୁ ଏପରି ହୋଇଥିବା ସନ୍ଦେହ କରାଯାଉଛି।

### ୨ ଗାଈ ଜୀବନ୍ତ ଦଗ୍ଧ

ଆନନ୍ଦପୁର,୪। ୯(ସ୍ୱ.ପ୍ର.)- ଘସିପୁରା ଥାନା ଦେଓଗାଁରେ ଜଣେ ବ୍ୟକ୍ତିଙ୍କ ଗୁହାଳରେ ନିଆଁ ଲାଗି ଦୁଇଟି ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଶ୍ୟାମ ସୁନ୍ଦର ନାଥଙ୍କ ଗୁହାଳରେ କୌଣସି କାରଣରୁ ନିଆଁ ଲାଗିଥିଲା। ପରିବାର ଲୋକେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହିତ ଘସିପୁରା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଅଗ୍ନିକାଣ୍ଡରେ ଦୁଇ ଗୋଟି ଗାଈର ମୃତ୍ୟୁ ହୋଇଥିଲା। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଠିକ୍ ସୂଚନା ମିଳିନାହିଁ।

### ମଦ ଜବତ, ୨ ଗିରଫ

କେନ୍ଦୁଝର, ୪।୯( ସ୍ୱ.ପ୍ର.)- ସଦର ଥାନା ପୋଲିସ ରାଇସୁଆଁ ଗ୍ରାମ ନିକଟରୁ ବୁଧବାର ଏକ ସ୍କୁଟିରୁ ପ୍ରାୟ ୧୦୦ ଲିଟର ମହୁଲି ମଦ ଜବତ କରିଛି। ଏହି ଘଟଣାରେ ପୋଲିସ ସ୍କୁଟି ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିବା ସଦର ଥାନା ପୋଲିସ ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ଜଣାଇଛନ୍ତି। ଗିରଫ ମାନେ ହେଲେ ତୁରୁମୁଙ୍ଗା ଥାନା କଣ୍ଟିଆ ପଡା ଗ୍ରାମର ହେମନ୍ତ ବେହେରା ଓ ରମେଶ ବେହେରା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### କେନ୍ଦୁଝରରେ କୁହୁଡ଼ିଆ ପରିବେଶ



କେନ୍ଦୁଝର, ୪।୯(ସ୍ୱ.ପ୍ର.)- କେନ୍ଦୁଝର ସହରରେ ବୁଧବାର ସକାଳେ କୁହୁଡ଼ିଆ ପରିବେଶ ସମସ୍ତଙ୍କୁ ବିମୋହିତ କରିଛି। ଚଳିତ ବର୍ଷ ଶୀତ ଋତୁ ପୂର୍ବରୁ ଏଭଳି ପରିବେଶକୁ ନେଇ ପରିବେଶପ୍ରେମୀ ମାନଙ୍କୁ ମଧ୍ୟ ଆକୃଷ୍ଟ କରିଛି। ଅନେକ ଭୋର ସକାଳେ ଉଠି ନିଆରା ଦୃଶ୍ୟକୁ ଉପଭୋଗ କରିବା ସହ ସେଲଫି ଉଠିବାର ମଜା ଉଠାଇଛନ୍ତି। ରାତିରେ ବର୍ଷା ଛାଡିବା ପରେ ସକାଳେ କୁହୁଡିର ଆସ୍ତରଣ ସମସ୍ତଙ୍କୁ ଉଲ୍ଲସିତ କରିଥିବା ବେଳେ ପାହାଡ଼ ଓ ଜଙ୍ଗଲ ପରିବେଶରେ ଓ ଜୁଡ଼ିଆ ଘାଟି ରାସ୍ତାରେ ଏହାର ନିଆରା ଅନୁଭୂତିକୁ ମନେ ପକାଉଛନ୍ତି ।

### ବୀମା ସପ୍ତାହ ପାଳନ ଶୁଭାରମ୍ଭ

ବଡବିଲ, ୪।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲରେ ୬୩ ତମ ବୀମା ସପ୍ତାହ ପାଳନର ଶୁଭ ଉଦ୍‌ଘାଟନ ହୋଇଛି। ସ୍ଥାନୀୟ ଭାରତୀୟ ଜୀବନବୀମା ନିଗମ କାର୍ଯ୍ୟାଳୟରେ ଦୀପ ପ୍ରଜ୍ୱଳନ କରି ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ସରୋଜ କୁମାର ମହାପାତ୍ର ଜୀବନବୀମାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶାଖା ପ୍ରବନ୍ଧକ ସନ୍ତୋଷ କୁମାର ସାମନ୍ତରାୟ ବୀମାଧାରୀମାନଙ୍କ ସହ ତାଙ୍କ ପରିବାରର ଶୁଭକାମନା କରିଥିଲେ। ସଂଯୋଜକ ରାମଚନ୍ଦ୍ର ମାରାଣ୍ଡି, ଉନ୍ନୟନ ଅଧିକାରୀ ନୃସିଂହ ପ୍ରସାଦ ପୁରୋହିତ, ବରିଷ୍ଠ ଏଜେଣ୍ଟ ଅବନୀ ମହାନ୍ତି, ବ୍ରଜ କିଶୋର ପଣ୍ଡା ଓ ନରେନ୍ଦ୍ର ଦଳେଇଙ୍କ ସହ ଅନେକ ବୀମାଧାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ବୀମା ସପ୍ତାହ ପାଳନ ଅବସରରେ ଯୋଗ, ସଫେଇ, କୁଇଜ ପ୍ରତିଯୋଗିତା ଓ ସଚେତନତା ଶୋଭାଯାତ୍ରା ହେବ ବୋଲି ଜଣାପଡିଛି।

# ରେଳ ସାଇଡିଂରେ କୋଇଲା ଚୋରାଚାଲାଣ

■ ଥାନାରେ ଅଭିଯୋଗ କଲାପରେ ବି ଫଳ ଶୂନ

■ ସ୍ଥାଣୁ ସାଜିଛି ରେଳବାଇ ପୋଲିସ

ଯୋଡ଼ା, ୪।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ବାଂଶପାଣି ରେଳ ସାଇଡିଂ ଠାରେ ଚୋରା କୋଇଲା କାରବାର ବେଧଡ଼କ ଭାବେ ହେଉଥିବା ଦେଖିବାକୁ ମିଳିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଯୋଡା ପୌରପାଳିକା ୱାର୍ଡ ନଂ ୧୨ ବାଂଶପାଣି ଦାସ ହଟିଂଠାରେ କେତେକ ବ୍ୟକ୍ତି କୋଇଲା ଗଚ୍ଛିତ ରଖି ଚୋରାଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରି ଯୋଡା ଥାନାରେ ଦସ୍ତଖତ ସମ୍ବଳିତ ଏକ ଲିଖିତ ଅଭିଯୋଗ କରିଛନ୍ତି।

ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ନିକଟରେ ଥିବା ବାଂଶପାଣି ରେଳ ସାଇଡିଂରେ ଦୈନିକ ୱାଗନ ଲୋଡିଂ ହୋଇଥାଏ । ଏଠାକୁ ଆସୁଥିବା କିଛି ର୍‍ୟାକର ଡବା ମଧ୍ୟରେ କୋଇଲା ବଳକା ରହିଥାଏ। ୱାଗନ ଲୋଡିଂ କରିବା ପୂର୍ବରୁ ଉକ୍ତ ଡବାରେ ସଫେଇ କରାଯାଇଥାଏ। ସଫେଇ କରୁଥିବା ଶ୍ରମିକମାନେ ରେଳଡବାରେ ଥିବା ବଳକା



ଚୋରା କୋଇଲା ଇଟାଭାଟି।

କୋଇଲାଗୁଡିକୁ ସଂଗ୍ରହ କରି ତାହାକୁ ଅଳ୍ପ ମୂଲ୍ୟରେ ଚୋରା କୋଇଲା ବ୍ୟବସାୟୀମାନଙ୍କୁ ବିକ୍ରୟ କରିଥାନ୍ତି। ଚୋରା କୋଇଲା ବ୍ୟବସାୟୀମାନେ ନିକଟସ୍ଥ ଜଙ୍ଗଲ, ବୁଦାରେ ଲୁଚାଇ ରଖିଥାନ୍ତି। ସେଠାରେ ଗୁଣ୍ଡ କୋଇଲାକୁ ଇଟା ଆକାରରେ ପ୍ରସ୍ତୁତ କରି ଭାଟିରେ ସେଗୁଡିକୁ ଅଧା ପୋଡା କରି ନିଆଁ ଲିଭାଇଥାନ୍ତି। ପରେ ଉକ୍ତ ଅଧାପୋଡା କୋଇଲା ଇଟାକୁ ସିମେଣ୍ଟ ଅଖାରେ ପ୍ୟାକିଂ କରି ଅଖା ପିଛା ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମୂଲ୍ୟରେ ବିକ୍ରୟ କରୁଥିବା ସୂତ୍ରରୁ ଜଣାପଡିଛି। ଏହାକୁ ପୋଡିବା ଦ୍ୱାରା ବିଷାକ୍ତ ଧୂଆଁ ସ୍ଥାନୀୟ ଅଞ୍ଚଳକୁ ପ୍ରଦୂଷିତ କରୁଛି । ସାଧାରଣ ଲୋକେ ଅଣନିଃଶ୍ୱାସୀ ହେବା ସହିତ ସ୍କୁଲ୍ ପିଲାମାନେ ପାଠ ପଢିପାରୁ ନ ଥିବା ସ୍ଥାନୀୟ ମୁକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଅଭିଯୋଗ କରାଯାଇଛି । ଏନେଇ ମୁକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୋମବାର ଯୋଡା ଥାନାର ମହିଳା ଏସଆଇ ସାଗରିକା ମହାନ୍ତିଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କରିବାର ୩ ଦିନ ବିତି ଯାଇଥିଲେ ହେଁ, ପୋଲିସ ଘଟଣାସ୍ଥଳକୁ ଯାଇନଥିଲା କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା।

ଏଣୁ ବାଧ୍ୟ ହୋଇ ଉକ୍ତ ଗୋଷ୍ଠୀର ମହିଳାମାନେ ସଂଗଠିତ ହୋଇ କୋଇଲା ଇଟା ପୋଡା ଭାଟିକୁ ବନ୍ଦ କରିଥିଲେ। ଉକ୍ତ ସ୍ଥାନରେ ଏବେବି ବିପୁଳ ପରିମାଣର ଚୋରା କୋଇଲା ଗଚ୍ଛିତ କରି ରଖାଯାଇଥିଲେ ହେଁ, ରେଳବାଇ ପୋଲିସ କିମ୍ବା ସ୍ଥାନୀୟ ଯୋଡା ପୋଲିସ ପକ୍ଷରୁ ଏହାକୁ ଜବତ କରାଯାଉନାହିଁ ଏବଂ ଖଣି ବିଭାଗ ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି। କେବଳ କୋଇଲା ଇଟା ଭାଟି ପୋଡା ବନ୍ଦ ହୋଇଯାଇଥିଲେ ହେଁ, ରେଳ ସାଇଡିଂରୁ କୋଇଲା ଗୁଣ୍ଡ ଚୋରାରେ ଗଚ୍ଛିତ ରଖାଯିବା କାର୍ଯ୍ୟ ସେମିତି ଚାଲିଛି । ସ୍ଥାନୀୟ ରେଳବାଇ ପୋଲିସ ଜାଣିଶୁଣି ନୀରବ ରହୁଥିବା ଏବଂ ଏହି କାର୍ଯ୍ୟରେ ଅସାଧୁ ରେଳବାଇ କର୍ମଚାରୀମାନେ ଚୋରା ବ୍ୟବସାୟୀଙ୍କଠାରୁ ମାସିକିଆ ବଟି ନେଉଥିବା ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ସବଇନ୍ସପେକ୍ଟର ସାଗରିକା ମହାନ୍ତିଙ୍କୁ ପଚାରିବାରୁ ବାଂଶପାଣି ଅଞ୍ଚଳର ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କୋଇଲା ପୋଡିବା ଘଟଣା ନେଇ ଲିଖିତ ଅଭିଯୋଗ ଯୋଡା ଥାନାରେ ଦେବାକୁ ଆସିଥିଲେ । ତାଙ୍କ ଅଭିଯୋଗକୁ ଥାନାର ଏଏସଆଇ ହରିହର ରାମ୍‌ଙ୍କ କହିବା ଅନୁସାରେ ସେ କେବଳ ଟେବୁଲରେ ରଖିଦେଇଥିଲେ । ଏ ସମ୍ପର୍କରେ ପଚାରି ବୁଝିକି କହିବେ ବୋଲି ସେ କହିଥିଲେ। ଯୋଡା ଉପତ୍ୟକାରେ ପ୍ରଶାସନ ସହିତ ସଲାସୁତୁରାରେ ଲୁହା ପଥର ଚୋରା କାରବାର, କୋଇଲା ଚୋରା କାରବାର, ପିଲେଟ ଚୋରି ଏକ କୁଟୀର ଶିଳ୍ପରେ ପରିଣତ ହେଲାଣି। ସବୁ ଜାଣି ପ୍ରଶାସନ ଚୁପ୍ ରହୁଛି। ଏପରିକି ସାଧାରଣ ଲୋକ ଏନେଇ ଥାନା, ରେଳ ବିଭାଗ, ରେଲୱେ ପୋଲିସ ଫୋର୍ସ, ଖଣି ଉପନିର୍ଦ୍ଦେଶାଳୟରେ ଅଭିଯୋଗ କଲା ପରେ ବି ଅଭିଯୋଗକୁ ଅଣଦେଖା କରାଯାଉଛି ଓ ଗୁରୁତ୍ୱ ଦିଆଯାଉନାହିଁ । ରାଜ୍ୟ ସରକାର ଏ ଦିଗରେ ଶୀଘ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

### ଦିନ ଦ୍ୱିପ୍ରହରେ ବୃଦ୍ଧଙ୍କଠାରୁ ଟଙ୍କା ଲୁଟ୍

ହାଟଡିହୀ,୪।୯(ସ୍ୱ.ପ୍ର./ଡି.ଏନ.ଏ.)

ହାଟଡିହୀ ବ୍ଲକର ନନ୍ଦିପଦା ଥାନା ଅନ୍ତର୍ଗତ ତେଲୁକା ବଜାରଠାରେ ପ୍ରଫୁଲ୍ଲ ଦାସ(୭୦) ନାମକ ଜଣେ ବୃଦ୍ଧଙ୍କଠାରୁ ବୁଧବାର ଅପରାହ୍ନରେ ୫୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ତାଙ୍କ ଘର ହାଟଡିହୀ ବ୍ଲକର ଜମ୍ବିରା ଗ୍ରାମରେ। ସେ ହାଟଡିହୀ ବ୍ୟାଙ୍କ ଅଫ ଇଣ୍ଡିଆରୁ ଟଙ୍କା ଉଠାଇ ସାଇକେଲରେ ଆସୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ଆସି ଟଙ୍କା ବ୍ୟାଗଟି ଛଡାଇନେଇ ଦ୍ରୁତ ଗତିରେ ପଳାଇଥିଲେ। ଏହି ବ୍ୟାଗରେ ଟଙ୍କା ସହିତ ତାଙ୍କର ପାସ୍ ବହି, ଆଧାର କାର୍ଡ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଥିଲା। ପ୍ରଫୁଲ୍ଲଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଲୁଟେରାଙ୍କ ପିଛା କରିଥିଲେ ମଧ୍ୟ ଧରିପାରି ନ ଥିଲେ । ଖବର ପାଇ ନନ୍ଦିପଦା ଥାନା ଏଏସ୍‌ଆଇ ଅନୁପ କୁମାର ସାମଲ ସେଠରେ ପହଞ୍ଚି ତଦନ୍ତ କରିଥିଲେ କିନ୍ତୁ ଲୁଟେରାଙ୍କର କୌଣସି ସୂଚନା ମିଳିପାରିନାହିଁ। ଦିନବେଳେ ଥାନା ଠାରୁ ମାତ୍ର ୨ କି.ମି. ଦୂରତା ହାଟଡିହୀ ବଜାରରୁ ଲୁଟକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ ଏହା ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏଭଳି ଘଟଣାମାନ ବାରମ୍ବାର ଘଟୁଥିଲେ ମଧ୍ୟ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି ।

■ ଯୁବକଙ୍କୁ ଛୁରାମାଡ଼ ଘଟଣା

## ମାରଣାସ୍ତ୍ର ସହ ୨ ଅଭିଯୁକ୍ତ ଗିରଫ

ଯୋଡ଼ା, ୪।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରସ୍ଥିତ ୪ନଂ ୱାର୍ଡ ମିଶ୍ର ଗଳିଠାରେ ଥିବା ଏକ ହୋଟେଲ ନିକଟରେ ବାଂଶପାଣିର ବିକ୍ରାନ୍ତ ନାୟକଙ୍କୁ ହୋଇଥିବା ଛୁରାମାଡ ଘଟଣାରେ ବୁଧବାର ପୋଲିସ ମାରଣାସ୍ତ୍ର ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଯୋଡା ସହର ୭ନଂ ୱାର୍ଡ ଉଲି ହଟିଂ ସହିଦ ନଗରର ସାଗର ରାଜ(୨୫) ଓ ୩ନଂ ୱାର୍ଡ କୁନ୍ଦୁରୁନାଳାର ମୁନା ଓରାମ୍ (୧୯)। ଯୋଡା ଥାନା ଏସଆଇ ବିଶ୍ୱଜିତ ବେହେରାଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଛୁରାମାଡ କରି ଫେରାର ହୋଇଯାଇଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ସକାଳ ୯ଟାରେ ଗିରଫ କରିଥିଲା। ଅଭିଯୁକ୍ତ ଦ୍ୱୟ ୩ଟି ବାଇକ୍ ବ୍ୟବହାର କରି ବିଭିନ୍ନ ସ୍ଥାନରୁ ପିସ୍ତଲ ଦେଖାଇ ଦାଦା ବଟି ଆଦାୟ କରୁଥିବାବେଳେ ପୋଲିସ ଖବର ପାଇ ଚଢାଉ କରି



ଗିରଫ ଅଭିଯୁକ୍ତଦ୍ୱୟ ।

ସେମାନଙ୍କଠାରୁ ୩ଟି ବାଇକ, ଗୋଟିଏ ପିସ୍ତଲ ସହ ୨ ରାଉଣ୍ଡ ଅଫୁଟା ଗୁଳି , ଗୋଟିଏ ଖଣ୍ଡା ଓ ୨ଟି ମୋବାଇଲ ଜବତ କରିଛି । ଏନେଇ ଯୋଡା ଥାନାରେ ଏକ ମାମଲା (ନଂ ୧୪୦/୨୦୧୯) ଦଫା ୩୯୯, ୪୦୨, ଆପିସି ୨୦ ଆର୍ମସ ଆକ୍ଟ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ସେପ୍ଟେମ୍ବର ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର, ୪।୯(ଡି.ଏନ୍.ଏ.)

ସେପ୍ଟେମ୍ବର ମାସ ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ସେପ୍ଟେମ୍ବର ୧୦ ତାରିଖ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ, ସେପ୍ଟେମ୍ବର ୧୬ ତାରିଖ ସୋମବାର ଯୋଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ, ସେପ୍ଟେମ୍ବର ୨୩ ତାରିଖ ସୋମବାର ବାଂଶପାଳ ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ସେପ୍ଟେମ୍ବର ୩୦ ତାରିଖ ସୋମବାର ହାଟଡିହୀ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ଜିଲାର ସମସ୍ତ ଉପଜିଲାପାଳ, ବିଡିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଚୋରି ମୋବାଇଲ ଜବତ, ୨ ଗିରଫ

କେନ୍ଦୁଝର ୪।୯(ସ୍ୱ.ପ୍ର.)

କେନ୍ଦୁଝର ସହର ଆରଟିଓ ଅଫିସ ସମ୍ମୁଖ ହେଲୋ ହୋମ ନାମକ ଏକ ମୋବାଇଲ ଦୋକାନରୁ ଗତ ମାସ ୨୬ ତାରିଖରେ ଚୋରି ହୋଇଥିବା ମୋବାଇଲ ଫୋନ ଘଟଣାର ପର୍ଦ୍ଦାଫାଶ କରିଛି । ଏନେଇ ପୋଲିସ ଏକ ମାମଲା (ନଂ ୨୩୩/୨୦୧୯) ରୁଜୁ କରି ଦୁଇ ଚୋରଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ମୋବାଇଲ, ଚାର୍ଜର ସମେତ ଅନ୍ୟାନ୍ୟ ଚୋରି ସାମଗ୍ରୀକୁ ଟାଉନ ଥାନା ପୋଲିସ ଜବତ କରିଛି । ଗିରଫମାନେ ହେଲେ ସୁରଜ ନାଏକ ଓ ତୋଫାନ ନାଏକ। ତାଙ୍କ ଘର ଆଟପୁର ସାହିରେ। ଚୋରି ପରେ ସେମାନେ ଗୁହାଳ ଚଟୁଆ ଗ୍ରାମକୁ ଯାଇ ସେଠାରେ ମୋବାଇଲ ଖୋଳ ବାହାର କରି ଏକ ବ୍ୟାଗରେ ଆଣି ବିକିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡିଥିଲେ ବୋଲି ଜଣାପଡିଛି। ପୋଲିସ ସେମାନଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ମକା ଫସଲ ଲାଗି ବାଧକ କମ୍ ବର୍ଷା

ଚମ୍ପୁଆ,୪।୯(ଡି.ଏନ.ଏ)

ଚଳିତ ଋତୁରେ ଆବଶ୍ୟକ ଠାରୁ କମ୍ ବର୍ଷା ହୋଇଥିବା ବେଳେ ଏହାର ପ୍ରଭାବ ସିଧାସଳଖ ଚାଷ ଉପରେ ପ୍ରତିଫଳିତ ହୋଇଛି। ଅଭାବୀ ବର୍ଷା ଫଳରେ ଚମ୍ପୁଆ କୃଷି ଜିଲାରେ ମକା ଫସଲ ଆଶାନୁରୂପେ ହୋଇପାରି ନ ଥିବା ଚାଷୀମାନେ ସୂଚନା ଦେଇଛନ୍ତି। ବିହନ ଲଗାଇବା ସମୟରୁ ଆବଶ୍ୟକ ବର୍ଷା ନ ହେବାରୁ ଚାଷରେ ବିଳମ୍ବ ହୋଇଥିଲା। ଯାହାର ପ୍ରଭାବ ଫସଲ ଅମଳରେ ଦେଖାଦେଇଛି।

ଚଳିତବର୍ଷ ଚମ୍ପୁଆ କୃଷି ବିଭାଗ ପକ୍ଷରୁ ମକାଚାଷୀମାନଙ୍କୁ ଉଚିତ ସମୟରେ ଉନ୍ନତ ମାନର ମକା ବିହନ ପ୍ରଦାନ କରାଯାଇଥିଲା। ଜୁଲାଇ ମାସରେ ମକାଚାଷୀମାନେ ଜମି ପ୍ରସ୍ତୁତ କରି ଗାର କାଟି ମକା ବିହନ ପୋତିଥିଲେ। ମାତ୍ର ବିହନ ଲଗାହେବାର ୧୦ ଦିନ ପର୍ଯ୍ୟନ୍ତ ବର୍ଷା ନ ହେବାରୁ ଏକପ୍ରକାର ଗଜା ମରୁଡି ଦେଖା ଦେଇଥିଲା। ମାତ୍ର ମକାଚାଷ କରି ବର୍ଷକର ରୋଜଗାର କରୁଥିବା ଗୋଧୂଳି ଅଞ୍ଚଳର ଚାଷୀ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ପୁଣି ବିହନ ଲଗାଇଥିଲେ। ଆବଶ୍ୟକ ବର୍ଷା ନ ହେବା ଏବଂ ଉଚିତ ସମୟରେ ବର୍ଷା ନ ହେବା



ମକା କ୍ଷେତରେ ଚାଷୀ।

ଯୋଗୁ ମକାଗଛଗୁଡିକ ଠିକ୍ ଭାବରେ ବଢିପାରି ନ ଥିଲା। ଯଦିଓ ଝିପିଝିପି ବର୍ଷା ହେଲା ସେଥିରେ ଗଛଗୁଡିକରେ ରୋଗପୋକ ଲାଗିଥିଲା। ଖବର ପାଇ କୃଷି କର୍ମଚାରୀ ମକାଚାଷ ପରିଦର୍ଶନ କରି ଆବଶ୍ୟକ ଔଷଧ ବ୍ୟବହାର ପାଇଁ ଚାଷୀଙ୍କୁ ସହଯୋଗ କରିଥିଲେ। ମାତ୍ର ଅମଳ ବେଳକୁ ପୂର୍ବବର୍ଷ ଭଳି ମକାର ଆକାର ଆସି ନ ଥିଲା। ସାଧାରଣରେ କଞ୍ଚା ମକାର ଚାହିଦା ସ୍ଥାନୀୟ ଅଞ୍ଚଳରେ ରହିଥିବା ବେଳେ ଏହା ୪ଗୋଟି ମକାକୁ ୨୦ ଟଙ୍କାରେ ଚାଷୀ ବିକ୍ରି କରିଥାଏ। ମାତ୍ର ଚଳିତ ବର୍ଷ ମକାର ଆକାର ପୂର୍ବବର୍ଷ ଠାରୁ ଛୋଟ ହୋଇଥିବାରୁ ୨୦ ଟଙ୍କାରେ ୭ରୁ ୮ ଗୋଟି ମକା ବାଧ୍ୟ ହୋଇ ଚାଷୀଙ୍କୁ ବିକ୍ରି କରିବାକୁ ପଡୁଛି। ଫଳରେ କ୍ଷତି ସହୁଥିବା ମକାଚାଷୀ ବୁଲୁ ନାଏକ, ଛତ୍ରପତି ନାଏକ, ଦଶରଥ ନାଏକ, ସୁଶିଲ ନାଏକ ପ୍ରମୁଖ ସୂଚନା ଦେଇଛନ୍ତି। ଏନେଇ ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତ କହିଛନ୍ତି ଯେ ଉପଯୁକ୍ତ ସମୟରେ ଚାଷୀଙ୍କୁ ବିହନ ଦିଆ ଯାଇଥିଲେ ମଧ୍ୟ ଅଭାବୀ ବର୍ଷା ଫଳରେ ମକାଚାଷ ଉପରେ ପ୍ରଭାବ ପଡିଛି।

## ନାମଲେଖା ପାଇଁ ଲଟେରି




ଜଣେ ଛାତ୍ର କେନ୍ଦ୍ରୀୟ ବିଦ୍ୟାଳୟରେ ଆବେଦନ ପାଇଁ ଲଟେରି ଉଠାଉଛନ୍ତି।

ଆନନ୍ଦପୁର, ୪।୯(ସ୍ୱ.ପ୍ର.)

ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରୀଛାତ୍ରଙ୍କ ଆବେଦନ ଫର୍ମର ଲଟେରି ଉଠାଣ ଆରମ୍ଭ ହୋଇଛି। ଏହି ଲଟେରି ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ଚାଲିବ। ବୁଧବାର ତୃତୀୟରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ଲଟେରି ହୋଇଥିବାବେଳେ ଗୁରୁବାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କର ଲଟେରି ହେବ। ଲଟେରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଭିଏମ୍‌ସି (ବିଦ୍ୟାଳୟ ପରିଚାଳନା କମିଟି) ଗଠନ କରାଯାଇଛି। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ, ଦୁଇ ଶିକ୍ଷକ, ୪ ଅଭିଭାବକଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ସଂପୃକ୍ତ ଲଟେରିର ତଦାରଖ ଦାୟିତ୍ୱରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ରହିଛନ୍ତି। ତେବେ ଏହି ଲଟେରି ଚୟନ ପ୍ରକ୍ରିୟାରେ ଅନିୟମିତତା ହେଉଥିବା କେତେକ ଅଭିଭାବକ କହିଛନ୍ତି। ଅପରପକ୍ଷେ କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରର ଅଧ୍ୟକ୍ଷ ଏସ.କେ.ସେଠୀ କହିଛନ୍ତି ଯେ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଗାଇଡଲାଇନ୍ସ ଅନୁଯାୟୀ ଲଟେରି ଅନୁଷ୍ଠିତ ହେଉଛି। ଏହା ସହିତ ଚଳିତ ମାସ ୯ ତାରିଖ ଭିତରେ ନାମଲେଖା ପ୍ରକ୍ରିୟା ଶେଷ କରାଯାଇ ପାଠପଢା ଆରମ୍ଭ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ନୂତନ ଭାବେ ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିବାରୁ ଛାତ୍ରୀଛାତ୍ରଙ୍କ ଆବେଦନ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଥିଲା। ସୂଚନାଯୋଗ୍ୟ ୧୦।୮।୨୦୧୯ରିଖରେ କେନ୍ଦ୍ରୀୟ ବିଦ୍ୟାଳୟକୁ ମୋହର ଲାଗିବା ପରେ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ଛାତ୍ରୀଛାତ୍ରଙ୍କର ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ମାସ ୧୪ରୁ ବିଦ୍ୟାଳୟ ପକ୍ଷରୁ ଫର୍ମ ଆବେଦନ ଆରମ୍ଭ କରାଯାଇ ୨୫ରେ ଶେଷ ହୋଇଥିଲା। ପ୍ରତ୍ୟେକ ଶ୍ରେଣୀ ପାଇଁ ଗୋଟିଏ ସେକ୍ସନରେ ୪୦ ଗୋଟି ସିଟ୍ ସ୍ଥିର କରାଯାଇଛି।

## ମହାବୀର ଏକାଦଶ କେନ୍ଦେଇପଶି ଚାମ୍ପିୟନ



ଫୁଟବଲ ଖେଳାଳିଙ୍କ ସହ ଏମ୍‌ପି ଓ ବିଧାୟକ ।

ପାଟଣା, ୪।୯(ସ୍ୱ.ପ୍ର.)

ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ମହିଷାମୁଣ୍ଡିସ୍ଥିତ ମା'ବିଶୋଇପାଟ ଯୁବକ ସଂଘର ୯ମ ତମ ଫୁଟବଲ ଟୁର୍ନାମେଣ୍ଟ ମହିଷାମୁଣ୍ଡି ଖେଳ ପଡ଼ିଆରେ ବୁଧବାର ଶେଷ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଶୁଭଶ୍ରୀ ଏକାଦଶ ଘଟଗାଁକୁ ମହାବୀର ଏକାଦଶ କେନ୍ଦେଇ ପଶିକୁ ଭେଟିଥିଲା। ଏଥିରେ ମହାବୀର ଏକାଦଶ କେନ୍ଦେଇପଶି ୩-୧ଗୋଲରେ ଶୁଭଶ୍ରୀ ଏକାଦଶ ଘଟଗାଁକୁ ପରାସ୍ତ କରିଥିଲା। ମହାବୀର ଏକାଦଶ କେନ୍ଦେଇପଶି ଚାମ୍ପିୟନ ହୋଇଥିବା ବେଳେ ଶୁଭଶ୍ରୀ ଏକାଦଶ ଘଟଗାଁ ରନର୍ସଅପ୍ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ଲବ ସଭାପତି ଅଖିଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା, ସ୍ଥାନୀୟ ସମିତି ସଭ୍ୟ ମିତ୍ରଭାନୁ ମହାନ୍ତ, ପାଟଣା ସମବାୟ ସମିତି ଅଧ୍ୟକ୍ଷ ବିଶ୍ୱନାଥ ନାଏକ ଓ କ୍ରୀଡ଼ାବିତ ପ୍ରମୋଦ କୁମାର ଭଞ୍ଜ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଦଳକୁ ନଗଦ ୨୦ ହଜାର ଟଙ୍କା ଓ ରନର୍ସ ଅଫ ଦଳକୁ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ଜୁଲୁ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାନ୍ତ ଓ ଯତୀନ କୁମାର ମହାନ୍ତ ଖେଳ ପରିଚାଳନା କରିଥିଲେ।

## 'ଷଷ୍ଠ ଶ୍ରେଣୀରୁ ମୂର୍ତ୍ତି ଗଢ଼ି ପାଠ ପଢ଼ିଛି'

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୪।୯

ଅନନ୍ୟ କାରିଗର ପଦ୍ମନାଭ



ପିଲାଟିଦିନରୁ ମୂର୍ତ୍ତିକଳା ପ୍ରତି ଆଗ୍ରହ ଥିଲା। ତୃତୀୟ ଶ୍ରେଣୀରୁ ଛୋଟ ଛୋଟ ମୂର୍ତ୍ତି ଗଢିବା ପରେ ଷଷ୍ଠ ଶ୍ରେଣୀରୁ ମୂର୍ତ୍ତି ଗଢି ରୋଜଗାରକ୍ଷମ ହୋଇ ପାଠ ପଢିଥିବା କହିଛନ୍ତି ମୂର୍ତ୍ତି କାରିଗର ପଦ୍ମନାଭ ପୁହାଣ। ଏବେ ବୟସ ୪୨। ସେ ସ୍ଥାନୀୟ ଡିଏଫଓ ଅଫିସରେ ଗଣେଶ ମୂର୍ତ୍ତି ନିର୍ମାଣ କରିଥିଲେ। ପିଲାଦିନେ ଗାଁ ଗଣ୍ଡାରେ ଭାଲୁକୁଣୀ, ଲକ୍ଷ୍ମୀ ଆଦି ମୂର୍ତ୍ତି ଛାଞ୍ଚରେ ଗଢୁଥିଲେ। ଯୁକ୍ତ ୨ ପରେ ପରେ ବଡ ବଡ ମୂର୍ତ୍ତି ଗଢା କାମ ଆରମ୍ଭ କରିଥିଲେ। ତେବେ ଗ୍ରାଜୁଏଶନ (ବିଏ) ପରେ ଏହି କାର୍ଯ୍ୟକୁ ବୃତ୍ତି ଭାବରେ ଗ୍ରହଣ କରି ଏବେ ସୁଦ୍ଧା କରିଆସୁଛନ୍ତି। ପଦ୍ମନାଭଙ୍କ ଘର ଘଷିପୁରା ବ୍ଲକ କରଡାପାଳ ଗ୍ରାମରେ। ସବୁ ଜାଣିଥିଲେ ମଧ୍ୟ ଆଗକୁ ବଢ଼ିବାକୁ କୌଣସି ପ୍ରୋତ୍ସାହନ ମିଳିନାହିଁ।

ସେ ମାଟି, ସିମେଣ୍ଟ ଓ ଫାଇବରରେ ମୂର୍ତ୍ତି ଗଢିବା କାମ କରୁଛନ୍ତି। ଦୀର୍ଘ ୧୨ ବର୍ଷ ହେଲା ଡିଏଫଓ ଅଫିସରେ ଗଣେଶ ମୂର୍ତ୍ତି ଗଢିବା କାମ ସହ ଡେଲି ମାର୍କେଟ, ବଡବିଲ ବିକାଶ ମହଲରେ ଦୁର୍ଗାପୂଜା ସମେତ ଅନ୍ୟାନ୍ୟ ସ୍ଥାନରେ ମୂର୍ତ୍ତି ଗଢ଼ିବା କାମ କରି ରୋଜଗାର କରୁଥିବା କହିଛନ୍ତି। ଯଦିଓ କଳାର ମୂଲ୍ୟ ମିଳୁନାହିଁ ତେବେ ବର୍ଷରେ ସବୁ ଖର୍ଚ୍ଚ ଯାଇ ୪୦/୫୦ ହଜାର ଟଙ୍କା ରୋଜଗାର ହୋଇଥାଏ । ସେଥିରେ ଦୁଇ ପୁଅଝିଅ ଓ ସ୍ତ୍ରୀଙ୍କ ସହିତ ଖୁସିରେ ଚଳିଆସୁଥିବା କହିଛନ୍ତି। ସେ ଏହି କଳା ଶିକ୍ଷା ଅଳତିର ପ୍ରମୋଦ ବରାଳଙ୍କଠାରୁ ଶିଖିଥିବା କୁହନ୍ତି। ସେ ବିଭିନ୍ନ ପ୍ରକାରର ମାଟି ମୂର୍ତ୍ତି, ମାଙ୍ଗଳିକ, ମନ୍ଦିରର ପାର୍ଶ୍ୱ ମୂର୍ତ୍ତି ଆଦି ଗଢନ୍ତି। ପୂଜାପାର୍ବଣ ସମୟରେ ମାଟି ମୂର୍ତ୍ତି ଓ ଅନ୍ୟ ସମୟରେ ମନ୍ଦିର ଓ ଅନ୍ୟାନ୍ୟ ସାଜସଜ୍ଜା ମୂର୍ତ୍ତି ମଧ୍ୟ ଗଢିଥାନ୍ତି। ସରକାରଙ୍କ ଆର୍ଟିସିଆନ କାର୍ଡ ମିଳିଛି କିନ୍ତୁ ଅଦ୍ୟାବଧି କୌଣସି ପ୍ରୋତ୍ସାହନ ଭତ୍ତା ବା ସହାୟତା ମିଳି ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। କଳା ପ୍ରତି ତାଙ୍କର ଆବେଗ ଥିବାରୁ ସେଭଳି ଲାଭ ନ ଥିଲେ ମଧ୍ୟ ଛାଡି ପାରୁ ନ ଥିବା କହିଛନ୍ତି। ସହାୟତା ମିଳିଲେ ନିଶ୍ଚିତ ଭଲ ଭାବେ କାମ କରି ଅଧିକ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ସେ କହିଛନ୍ତି।

